# ୨୭

# ଭାରତ : ଜନସଂଖ୍ୟା ସଂଗଠନ

ପୂର୍ବ ଅଧ୍ୟାୟରେ ଆମେ ଭାରତରେ ଜନସଂଖ୍ୟାର ବିତରଣ, ଘନତ୍ୱ ଓ ବୃଦ୍ଧିର ହାର ସମ୍ବନ୍ଧରେ ପଢ଼ିଛେ । ଜନସଂଖ୍ୟା ବିତରଣ ଏବଂ ଏହାର ଘନତ୍ୱର କାରଣ ଓ ପରିମାଣ ମଧ୍ୟ ଜାଣିଛେ ବିଗତ ଶହେବର୍ଷ ଧରି ଆମେ ଜନସଂଖ୍ୟା ବୃଦ୍ଧିର କାରଣ ଏବଂ ଦ୍ରୁତ ଜନସଂଖ୍ୟା ବୃଦ୍ଧିର ପରିଣାମ ବିଷୟରେ ଗଭୀର ଭାବେ ଚିନ୍ତା କରିଛୁ । ସ୍ଥାନାନ୍ତର ଗମନର କାରଣ ଓ ପରିମାଣକୁ ମଧ୍ୟ ବିଚାର କରିଛୁ । ଏହି ଅଧ୍ୟାୟରେ ବିଭିନ୍ନ ଦିଗରୁ ଭାରତରେ ଜନସଂଖ୍ୟାର ସଂଗଠନ ସମ୍ବନ୍ଧରେ ଅଧ୍ୟୟନ କରିବା । ପ୍ରଥମତଃ ଯେଉଁ ସ୍ଥାନରେ ଲୋକମାନେ ରହିବାକୁ ଅଧିକ ପସନ୍ଦ କରନ୍ତି । ସେ ସ୍ଥାନର ଅବସ୍ଥିତ ଓ ଆକାର ବିଷୟରେ ଜାଣିବା । ଏ ପ୍ରକାର ବାସସ୍ଥଳୀ ଦୁଇ ପ୍ରକାର । ଯଥା : ଗ୍ରାମୀଣ ତଥା ସହରୀ । ଦ୍ୱିତୀୟତଃ ପୁରୁଷ ଓ ନାରୀ ସଂଖ୍ୟା ଦେଶରେ ସମାନ କି ନୁହେଁ ଜାଣିବା । ଏହାଛଡ଼ା ପୁରୁଷ ଓ ନାରୀଙ୍କର ସାମାଜିକ ସ୍ଥିତି କିପରି ରହିଛି ଜାଣିବା । ଦେଶର ଆୟୁ ସଂରଚନା ଏବଂ ଏହାର ଜଟିଳତା ସମ୍ବନ୍ଧରେ ମଧ୍ୟ ଅବଗତ ହେବା । ପରବର୍ତ୍ତୀ ପର୍ଯ୍ୟାୟରେ ଜନସଂଖ୍ୟା ସଂଗଠନର ସାମାଜିକ-ସାଂସ୍କୃତିକ ଦିଗ ଉପରେ ମଧ୍ୟ ଆଲୋକପାତ କରିବା । ଏହା ଆମକୁ ସମାଜରୁ ଭାଷାଗତ ତଥା ଧାର୍ମିକ ସଂରଚନା ଜାଣିବାରେ ସାହାଯ୍ୟ କରିବ । ଶେଷ ପର୍ଯ୍ୟାୟରେ ଅନୁସୂଚିତ ଜାତି (SC) ଓ ଅନୁସୂଚିତ ଜନଜାତିଙ୍କ (ST) ସଂଖ୍ୟା, ସ୍ଥିତି ଓ ବିତରଣ ଆଦି ଜାଣିବା । ଦେଶର ସାକ୍ଷରତା ହାର ଓ ଏହାର ପ୍ରମୁଖ କାରକ ବିଷୟରେ ଅବଗତ ହେବା । ଏହିସବୁ ବିଶ୍ଳେଷଣାତ୍ମକ ବିବରଣୀ ଯୋଗୁଁ ଦେଶର ଜନସଂଖ୍ୟାକୁ କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ସମ୍ବଳ ହିସାବରେ ଜାଣିବାକୁ ସକ୍ଷମ ହେବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେମାନେ :

- ଦେଶର ଜନସଂଖ୍ୟାର ଗ୍ରାମୀଣ-ସହରୀ, ପୁରୁଷ- ନାରୀ (ଅନୁପାତ) ଏବଂ ଆୟୁଗଠନ ଆଦିକୁ ବିଶ୍ଳେଷଣ କରିପାରିବ;
- ସାକ୍ଷରତା ହାର ଓ ଜନସଂଖ୍ୟା ବୃଦ୍ଧିର ହାର ମଧ୍ୟରେ ସଂପର୍କ ସ୍ଥାପନ କରିପାରିବ;
- ଦେଶର ରେଖା ମାନଚିତ୍ରରେ ଅନୁସୂଚୀତ ଜନଜାତି ଜନସଂଖ୍ୟାର ବିତରଣ କ୍ଷେତ୍ରକୁ ଦର୍ଶାଇପାରିବ;
- ଦେଶର ବିଶେଷ ଅଞ୍ଚଳରେ ଅନୁସୂଚୀତ ଜାତି ଓ ଜନଜାତିଙ୍କର ସଂକେନ୍ଦ୍ରଣ କାରଣ ବିଶ୍ଳେଷ କରିପାରିବ;





- ଅନୁସୂଚିତ ଜାତି ସଂକେନ୍ଦ୍ରୀତ ହୋଇଥିବା ଅଂଚଳରେ ଜନଜାତିଙ୍କ ସଂଖ୍ୟା ହ୍ରାସ ପାଏ ଏବଂ ଏହାର ଠିକ୍ ବିପରୀତ ସ୍ଥିତିର କାରଣ ଗୁଡ଼ିକ ବୁଝାଇ ପାରିବ;
- ଭାରତର ଜନସଂଖ୍ୟାରେ ଧାର୍ମିକ ତଥା ଭାଷାଗତ ସଂରଚନାର ଗୁରୁତ୍ୱପୂର୍ଣ୍ଣ ବିଶିଷ୍ଟତା ଗୁଡ଼ିକ ବର୍ଣ୍ଣନା କରିପାରିବ ।

## 27.1 ଗ୍ରାମୀଣ- ସହରୀ ସଂଗଠନ


ବାସସ୍ଥାନର ଆକାର ଓ ଏଠାକାର ଅଧିବାସୀମାନଙ୍କର ବୃତ୍ତି ଉପରେ ନିର୍ଭର କରି ଦେଶର ଜନସଂଖ୍ୟାକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା : ଗ୍ରାମୀଣ ଓ ସହରୀ । ଗ୍ରାମାଞ୍ଚଳର ଛୋଟ ଛୋଟ ଗାଁରେ ଗ୍ରାମୀଣ ଜନସଂଖ୍ୟା ଥାଆନ୍ତି । ଅନ୍ୟପକ୍ଷରେ ସହରୀ ଜନସଂଖ୍ୟା ସହର ଓ ନଗର ଭଳି ବଡ଼ ବଡ଼ ସ୍ଥାନରେ ଥାଆନ୍ତି । ବୃତ୍ତିଗତ ଗଠନ ଉପରେ ମଧ୍ୟ ଏହି ବିଭାଜନ ନିର୍ଭର କରେ । ଗ୍ରାମାଞ୍ଚଳର ତିନି-ଚତୁର୍ଥାଂଶ ବା ତା'ଠାରୁ ଅଧିକ ଲୋକଙ୍କର ମୁଖ୍ୟ ବୃତ୍ତି ହେଉଛି ପ୍ରାଥମିକ ସ୍ତରୀୟ ବୃତ୍ତି ଯଥା - କୃଷି, ପଶୁପାଳନ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ମାଛଧରା, ଖଣିଖନନ ଇତ୍ୟାଦି । ଅନ୍ୟପକ୍ଷରେ ସହରୀ ଜନସଂଖ୍ୟାର ତିନି-ଚତୁର୍ଥାଂଶରୁ ଅଧିକ ଲୋକ ଅଣକୃଷିଭିତ୍ତିକ ବୃତ୍ତି ଯଥା :- ଉତ୍ପାଦନ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ବ୍ୟାଙ୍କିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା ତଥା ପ୍ରଶାସନିକ କାର୍ଯ୍ୟରେ ଲିପ୍ତ ।

ସାରଣୀ 27.1 ଭାରତରେ ଗ୍ରାମୀଣ ଓ ସହରୀ ଜନସଂଖ୍ୟା (1901- 2001 ପର୍ଯ୍ୟନ୍ତ)

| *ଜନଗଣନା ବର୍ଷ* | *ମୋଟ୍ ଜନସଂଖ୍ୟାର ପ୍ରତିଶତ* | |
|---|---|---|
| | *ଗ୍ରାମୀଣ* | *ସହରୀ* |
| 1901 | 89.2 | 10.8 |
| 1911 | 89.7 | 10.3 |
| 1921 | 88.8 | 11.2 |
| 1931 | 88.0 | 12.0 |
| 1941 | 86.1 | 13.9 |
| 1951 | 82.7 | 17.3 |
| 1961 | 82.0 | 12.0 |
| 1971 | 80.1 | 19.9 |
| 1981 | 76.7 | 23.3 |
| 1991 | 74.3 | 25.7 |
| 2001 | 72.2 | 27.8 |

ଭାରତର ମୋଟ୍ ଜନସଂଖ୍ୟା 5.8 ଲକ୍ଷରୁ ଅଧିକ ଗ୍ରାମ ତଥା 4615 ଟି ସହରରେ ବାସ କରନ୍ତି । ତେଣୁ ଭାରତ ଗ୍ରାମବହୁଳ ଦେଶ କୁହାଯାଏ । ଆଜି ମଧ୍ୟ ମୋଟ୍ ଜନସଂଖ୍ୟା ଶତକଡ଼ା 72 ଭାଗ ଲୋକ ଗାଁରେ ହିଁ ବାସ କରନ୍ତି କିନ୍ତୁ ଗ୍ରାମୀଣ ଜନସଂଖ୍ୟାର ଅନୁପାତ ପ୍ରତ୍ୟେକ ଜନଗଣନାରେ ହ୍ରାସ ପାଉଛି । (ସାରଣୀ ନଂ 27.1 ଦେଖ) । ଏହାର ପରିଣାମ ସ୍ୱରୂପ ସହରୀ ଜନସଂଖ୍ୟାର ଅନୁପାତ ଧିରେ ଧିରେ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । 1901 ଜନଗଣନାରେ ସହରୀ ଜନସଂଖ୍ୟା 10.8% ଥିବାବେଳେ 2001 ବେଳକୁ ଏହା 27.8% ହୋଇଛି । ତେଣୁ ପ୍ରଶ୍ନଉଠେ କାହିଁକି ? ଏହାର କାରଣ ଗ୍ରାମୀଣ ଜନସଂଖ୍ୟାର ବୃଦ୍ଧିର ହାର ଅପେକ୍ଷା ସହରୀ ଜନସଂଖ୍ୟାର

ବୃଦ୍ଧିର ହାର ଅଧିକ । ଦେଶର ହାରାହାରି ବୃଦ୍ଧିହାର 2001 ରେ 21.34% ଥିବାବେଳେ ସହରୀ ଜନସଂଖ୍ୟା ବୃଦ୍ଧିର ହାର 31.13% ଥିଲା । ଏହା କେବଳ ଏକମାତ୍ର କାରଣ ନୁହେଁ, ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କର ସ୍ଥାନାନ୍ତରଣ ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ । ପୂର୍ବପାଠରେ ଏସବୁ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ଏଥିରୁ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି । ଏଥିରୁ ଜଣାପଡ଼େ ଯେ ପ୍ରାଥମିକ ସ୍ତରୀୟ ବୃଦ୍ଧିରୁ ଲୋକମାନେ ମାଧ୍ୟମିକ ବା ଦ୍ୱିତୀୟ ସ୍ତରୀୟ ବୃତ୍ତି ଏବଂ ତୃତୀୟ ସ୍ତରୀୟ ବୃତ୍ତି ଆଡ଼କୁ ଆକର୍ଷିତ ହେଉଛନ୍ତି ଏବଂ ବୃତ୍ତି ପରିବର୍ତ୍ତନ ମଧ୍ୟ କରୁଛନ୍ତି । ସହରୀ ଜନସଂଖ୍ୟା ବୃଦ୍ଧି ହେତୁ ନଗରପାଳିକା ନା ନଗର ନିଗମର ସୀମାରେଖା ବଢ଼ି ବଢ଼ି ନିକଟବର୍ତ୍ତୀ ଗ୍ରାମାଞ୍ଚଳକୁ ମଧ୍ୟ ବ୍ୟାପ୍ତ ହେଉଛି ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

***ମାନଚିତ୍ର : 27.1 ଭାରତ : ମହାନଗର ବିତରଣ 2001***

ଭାରତର ମୋଟ୍ ସହରୀ ଜନସଂଖ୍ୟାର ଅଧାଲୋକ ମାତ୍ର ପାଞ୍ଚଗୋଟି ରାଜ୍ୟରେ ବସବାସ କରନ୍ତି । ସେହି ରାଜ୍ୟଗୁଡ଼ିକ ଯଥାକ୍ରମେ ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶ । ଗୁଜୁରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ବିହାର, ରାଜସ୍ଥାନ ଏବଂ କେନ୍ଦ୍ରଶାସିତ ଅଂଚଳ ଦିଲ୍ଲୀରେ ଶତକଡ଼ା 32 ଭାଗ ଲୋକବାସ କରନ୍ତି । ବାକି 18% ଲୋକ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ବାସକରନ୍ତି । 2001 ଜନଗଣନା ଅନୁଯାୟୀ 35 ଟି ସହରରେ 10 ଲକ୍ଷରୁ ଅଧିକ ଲେଖାଏଁ ଲୋକବାସ କରୁଥିଲେ । ଏହି ବଡ଼ ବଡ଼ ସହର ବା ନଗର ଗୁଡ଼ିକୁ ମହାନଗର କୁହାଯାଏ । ଏହି 35 ଟି ମହାନଗରରେ 37.8% ଲୋକବାସ କରନ୍ତି । ମହାନଗରର ଦ୍ରୁତ ବୃଦ୍ଧି ଯୋଗୁଁ ଘର, ବିଜୁଳି, ପାନୀୟଜଳ, ସ୍କୁଲ,

ଡାକ୍ତରଖାନା ଓ ରାସନ୍ ଦୋକାନ ଆଦି ଭଳି ସମସ୍ୟା ସୃଷ୍ଟି ହେବ । ଭାରତରେ ଏହି 35 ଟି ମହାନଗରର ସ୍ଥିତି ଚିତ୍ର ନଂ 27.1 ରେ ଦର୍ଶାଯାଇଛି । ଜନସଂଖ୍ୟାର ହ୍ରାସ କ୍ରମରେ (descending order) ମହାନଗର ଗୁଡ଼ିକର କ୍ରମ ଯଥାକ୍ରମେ : ଗ୍ରେଟର୍ ମୁମ୍ବାଇ, କୋଲକାତା, ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ୍, ଅହମଦାବାଦ, ପୁନେ, ସୁରାଟ, କାନପୁର, ଜୟପୁର, ଲକ୍ଷ୍ନୌ, ନାଗପୁର, ପାଟନା, ଇନ୍ଦୋର, ଭଦୋଦରା, ଭୋପାଳ, କୋଏମ୍ବାଟୁର୍, ଲୁଧିଆନା, କୋଚି, ବିଶାଖାପାଟଣା, ଆଗ୍ରା, ବାରଣାସୀ, ମଦୁରାଇ, ମେରଟ, ନାସିକ୍, ଜବଲପୁର, ଜାମସେଦ୍‌ପୁର, ଆସାନସୋଲ୍, ଧାନବାଦ, ଫରିଦାବାଦ, ଆହ୍ଲାହାବାଦ୍, ଅମୃତସର, ବିଜୟୱାଡ଼ା ଓ ରାଜକୋଟ୍ ।

- ଦେଶର ମୋଟ୍ ଜନସଂଖ୍ୟାର ଶତକଡ଼ା 27.2 ଭାଗ ଲୋକ ସହରରେ ବାସ କରନ୍ତି ।
- ସହରୀ ଜନସଂଖ୍ୟାର ଅନୁପାତ କ୍ରମାଗତଭାବେ ଓ ଦ୍ରୁତଗତିରେ ବୃଦ୍ଧିପାଇବାରେ ଲାଗିଛି ।
- ଗ୍ରାମୀଣ ଜନସଂଖ୍ୟାର ବୃଦ୍ଧିର ହାର ତୁଳନାରେ ସହରୀ ଜନସଂଖ୍ୟା ବୃଦ୍ଧିର ହାର ଅଧିକ ।
- 10 ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ନଗର ଗୁଡ଼ିକୁ ମହାନଗର କୁହାଯାଏ । 2001 ଜନଗଣନା ରିପୋର୍ଟ ଅନୁଯାୟୀ ଦେଶରେ 35 ଟି ମହାନଗର ଅଛି ।

## ପାଠ୍ୟଗତ ପ୍ରଶ୍ନ ୨୭.୧

1. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

( ମାଧ୍ୟମିକ ଏବଂ ତୃତୀୟ ସ୍ତରୀୟ, ବୃଦ୍ଧିପାଉଛି, 35 , କମ୍, ପ୍ରାଥମିକ )

(କ) ଗ୍ରାମୀଣ ଜନସଂଖ୍ୟା ବୃଦ୍ଧିର ହାର ସହରୀ ଜନସଂଖ୍ୟା ବୃଦ୍ଧିର ହାର ତୁଳନାରେ ________ ।

(ଖ) ଗ୍ରାମୀଣ ଜନସଂଖ୍ୟା ମୁଖ୍ୟତଃ ________ କାର୍ଯ୍ୟରେ ଏବଂ ସହରୀ ଜନସଂଖ୍ୟା ________ କାର୍ଯ୍ୟରେ ଲିପ୍ତ ।

(ଗ) 1921 ମସିହା ଠାରୁ ସହରୀ ଜନସଂଖ୍ୟାର ଅନୁପାତ ________ ।

(ଘ) 2001 ଜନଗଣନା ଅନୁଯାୟୀ ଭାରତରେ ________ଟି ମହାନଗର ଅଛି ।

## 27.2 ଲିଙ୍ଗ ଅନୁପାତ / ପୁରୁଷ-ନାରୀ ଅନୁପାତ

କୌଣସି ଅଞ୍ଚଳରେ ପ୍ରତି ହଜାର ଜଣ ପୁରୁଷ ପିଛା ନାରୀମାଙ୍କ ସଂଖ୍ୟାକୁ ପୁରୁଷ-ନାରୀ ଅନୁପାତ କୁହାଯାଏ । 2001 ଜନଗଣନା ଅନୁଯାୟୀ ପ୍ରତି ହଜାର ଜଣ ପୁରୁଷ ପିଛା ନାରୀ ସଂଖ୍ୟା ଥିଲା 933 । ଏଥିରୁ ଜଣାପଡ଼େ





ଆମଦେଶରେ ପୁରୁଷ ତୁଳନାରେ ନାରୀ ସଂଖ୍ୟା କମ୍ । ତେଣୁ ଭାରତରେ ଲିଙ୍ଗ ଅନୁପାତ ପ୍ରତିକୂଳ । ପୁରୁଷ ସଂଖ୍ୟା ତୁଳନାରେ ନାରୀସଂଖ୍ୟା ଅଧିକ ହେଲେ ଲିଙ୍ଗ ଅନୁପାତ ଅନୁକୂଳ ବୋଲି ଧରାଯାଏ । ଭାରତରେ କେରଳ ଏକମାତ୍ର ରାଜ୍ୟ, ଯାହାର ପୁରୁଷ-ନାରୀ ଅନୁପାତ ସର୍ବାଧିକ (1058) । ଠିକ୍ ସେହିପରି ହରିୟାନାର ପୁରୁଷ-ନାରୀ ଅନୁପାତ ସର୍ବନିମ୍ନ (861) । କେନ୍ଦ୍ର ଶାସିତ ଅଂଚଳମାନଙ୍କ ମଧ୍ୟରେ ପୁଡୁଚେରୀ (ପଣ୍ଡିଚେରୀ)ର ପୁରୁଷ-ନାରୀ ଅନୁପାତ ସର୍ବାଧିକ (1001) ଏବଂ ଡାମନ୍ ଓ ଡିଉର ସର୍ବନିମ୍ନ (709) । ଏହି ସମ୍ବନ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲଗାତାର ଭାବେ ଏହି ଅନୁପାତ ହ୍ରାସ ପାଇବାରେ ଲାଗିଛି । ଯଦିଓ 1951, 1981 ଓ 2001 ଜନଗଣନାରେ ସାମାନ୍ୟ ବୃଦ୍ଧି ହୋଇଥିଲା । ( ସାରଣୀ ନଂ 27.2 ଦେଖ ।)


**ସାରଣୀ – 27.2 ଭାରତରେ ପୁରୁଷ-ନାରୀ ଅନୁପାତ (1901-2001)**

| ଜନଗଣନା ବର୍ଷ | ପୁରୁଷ- ନାରୀ ଅନୁପାତ |
|---|---|
| 1901 | 972 |
| 1911 | 964 |
| 1921 | 955 |
| 1931 | 950 |
| 1941 | 945 |
| 1951 | 946 |
| 1961 | 941 |
| 1971 | 930 |
| 1981 | 934 |
| 1991 | 927 |
| 2001 | 933 |

## ଜିଲ୍ଲାସ୍ତରର ପ୍ରତିରୂପ :


ଦେଶର 593 ଟି ଜିଲ୍ଲା ମଧ୍ୟରୁ 324 ଟି ଜିଲ୍ଲାରେ ପୁରୁଷ-ନାରୀ ଅନୁପାତ ଜାତୀୟ ଅନୁପାତ ଅପେକ୍ଷଶ ଅଧିକ ଏବଂ 4 ଟି ଜିଲ୍ଲାର ଜାତୀୟ ଅନୁପାତ ସହ ସମାନ । ଅନ୍ୟ ଅର୍ଥରେ ଦେଶର ମୋଟ୍ ଜିଲ୍ଲା ସଂଖ୍ୟାର ଶତକଡ଼ା 55 ଭାଗରେ ପୁରୁଷ-ନାରୀ ଅନୁପାତ ଜାତୀୟ ହାର ଅପେକ୍ଷା ଅଧିକ । 324 ଟି ଜିଲ୍ଲାମଧ୍ୟରୁ 78 ଟି ଜିଲ୍ଲା 16 ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ରହିଛି । ପୁରୁଷ ସଂଖ୍ୟା ତୁଳନାରେ ନାରୀସଂଖ୍ୟା ଅଧିକ ଥିବା ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ତାମିଲନାଡୁରେ 15 ଟି, କେରଳରେ 13 ଟି, ଉତ୍ତରାଖଣ୍ଡରେ ୫ ଟି ଏବଂ ଛତିଶଗଡ଼ ଓ ଓଡ଼ିଶାରେ 7 ଟି ଲେଖାଏଁ ଅଛି । ପୁଡୁଚେରୀର ମାହେ ଜିଲ୍ଲାର ପୁରୁଷ-ନାରୀ ସର୍ବାଧିକ 1148,

ଆଲମୋରା ( ଉତ୍ତରାଖଣ୍ଡ)ର 1147, ରତ୍ନଗିରି (ମହାରାଷ୍ଟ୍ର)ର 1135 ଅଟେ । ଯଦି ଆମେ ସ୍ଥାନୀୟ ବିତରଣ ଉପରେ ନଜର ପକାଇବା, ଜାଣିପାରିବା ଯେ ସମଗ୍ରଦେଶରେ ପୁରୁଷ-ନାରୀ ଅନୁପାତ ଅନୁକୂଳ ଥିବା ତିନୋଟି ଅଂଚଳ ରହିଛି । ଦକ୍ଷିଣ ଭାରତ ହିଁ ପ୍ରଥମ ଅଂଚଳ ଅଟେ । ତାମିଲନାଡୁର ଅଧିକାଂଶ





ଜିଲ୍ଲା, ପୁଡୁଚେରୀ, କେରଳର ପ୍ରାୟ ସମସ୍ତ ଜିଲ୍ଲା ତଥା କର୍ଣ୍ଣାଟକର ଉପକୂଳବର୍ତ୍ତୀ ଜିଲ୍ଲା ଏହି ଅଂଚଳର ଅନ୍ତର୍ଗତ । ଦ୍ୱିତୀୟ କ୍ଷେତ୍ର ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶର ପାହାଡ଼ିଆ ତଥା ମାଳଭୂମି ଅଂଚଳ, ଯେଉଁଠାରେ ଅନୁସୂଚୀତ ଜନଜାତି ପ୍ରବଣ ଅଟେ । ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ପାହାଡ଼ିଆ ରାଜ୍ୟଗୁଡ଼ିକ ତୃତୀୟ କ୍ଷେତ୍ର ଅନ୍ତର୍ଗତ ।




*ଚିତ୍ର : ୨୭.୨ ଭାରତ: ଲିଙ୍ଗ ଅନୁପାତ ୧୯୦୧-୨୦୦୧*

ଅନ୍ୟପକ୍ଷରେ 265 ଟି ଜିଲ୍ଲାରେ ପୁରୁଷ-ନାରୀ ଅନୁପାତ ଜାତୀୟ ହାରଠାରୁ କମ୍ । 265 ଟି ଜିଲ୍ଲାମଧ୍ୟରୁ 42 ଟି ଜିଲ୍ଲାରେ ଏହି ଅନୁପାତ 850 ଠାରୁ ମଧ୍ୟ କମ୍ । ଏହି ଜିଲ୍ଲାଗୁଡ଼ିକ କେଉଁଠାରେ ? ଉତ୍ତର ପ୍ରଦେଶ ଓ ରାଜଧାନୀ ଦିଲ୍ଲୀରେ ୪ ଟି ଲେଖାଏଁ, ହରିୟାନା 6 ଟି ଅଛି । ଏହି 42 ଟି ଜିଲ୍ଲା ମଧ୍ୟରୁ 10 ଟି ଜିଲ୍ଲା ମହାନଗରରେ ଅବସ୍ଥିତ । ରାଜଧାନୀ ଦିଲ୍ଲୀରେ ୪ ଟି, ମୁମ୍ବାଇ ତଥା ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଂଚଳରେ ଗୋଟିଏ ଲେଖାଏଁ ଜିଲ୍ଲାରେ ପୁରୁଷ-ନାରୀ ଅନୁପାତ ବହୁତ କମ୍ । ଏହାର ମୁଖ୍ୟ କାରଣ ହେଉଛି ଉଦ୍ୟୋଗ, ବ୍ୟବସାୟ, ଭବନିର୍ମାଣ, ଅନୌପଚାରିକ ବିଭାଗ ଏବଂ ଅବ୍ୟବସ୍ଥିତ କାର୍ଯ୍ୟରେ ରୋଜଗାର ପ୍ରାପ୍ତି ଉଦ୍ଦେଶ୍ୟରେ ବହୁସଂଖ୍ୟାରେ ପୁରୁଷମାନଙ୍କ ଆଗମନ । ଜିଲ୍ଲାକ୍ଷେତ୍ରରେ ସର୍ବନିମ୍ନ ପୁରୁଷ-ନାରୀ ଅନୁପାତ 591 ଡାମନ ଜିଲ୍ଲାରେ ଦେଖାଯାଏ । ଅରୁଣାଚଳ ପ୍ରଦେଶର ପଶ୍ଚିମ କମେଙ୍ଗ ଜିଲ୍ଲାରେ 749 ଏବଂ ସିକିମ୍‌ର ଉତ୍ତର ଜିଲ୍ଲାରେ 752 ଅଟେ ।





### ଭାରତରେ ପୁରୁଷ-ନାରୀ ଅନୁପାତ ହ୍ରାସ କାହିଁକି ?

ଭାରତରେ ପୁରୁଷ-ନାରୀ ଅନୁପାତ ହ୍ରାସ ହେବାର ମୁଖ୍ୟ କାରଣ ଗୁଡ଼ିକ ଯଥାକ୍ରମେ- ଉଚ୍ଚ ମାତୃ ମୃତ୍ୟୁହାର ଓ କନ୍ୟା ଶିଶୁ ମୃତ୍ୟୁହାର । ଏହାଛଡ଼ା ପୁରୁଷ ପ୍ରଧାନ ସମାଜରେ ସାମାଜିକ ତଥା ଧର୍ମୀୟ ବିଶ୍ୱାସ ହେତୁ ପୁତ୍ର ସନ୍ତାନ ପ୍ରତି ଅହେତୁକ ଦୁର୍ବଳତା ହିଁ ଏହାର ମୁଖ୍ୟ କାରଣ । ନାରୀମାନଙ୍କୁ ସମାଜରେ ଉଚିତ୍ ସମ୍ମାନ, ଉପଯୁକ୍ତ ଚିକିତ୍ସା ଏବଂ ଶିକ୍ଷା ପ୍ରଦାନ କରାଗଲେ ମାତୃ ମୃତ୍ୟୁହାର ହ୍ରାସ ପାଇପାରିବ । ଉନ୍ନତ ଚିକିତ୍ସା ବ୍ୟବସ୍ଥା ଯୋଗୁଁ ଶିଶୁ ମୃତ୍ୟୁହାର ହ୍ରାସ ପାଇବା ସହ ପ୍ରସବ ସମୟରେ ମାତୃ ମୃତ୍ୟୁହାର ହ୍ରାସ ପାଇଛି ।

- ଭାରତରେ ପୁରୁଷ-ନାରୀ ଅନୁପାତ ପ୍ରତିକୂଳ ଅବସ୍ଥାରେ ଅଛି । ପ୍ରତି ହଜାର ପୁରୁଷଙ୍କ ପିଚ୍ଛା 933 ଜଣ ନାରୀ ଆମଦେଶରେ ହାରାହାରି ହାର । କେରଳରେ ସର୍ବାଧିକ 1058 ଏବଂ ଡାମନ ଓ ଡିଉର ସର୍ବନିମ୍ନ 709 ଅଟେ ।
- ଉଚ୍ଚ କନ୍ୟା ଶିଶୁ ମୃତ୍ୟୁ ଓ ମାତୃମୃତ୍ୟୁ ହାର ଯୋଗୁଁ ଆମ ଦେଶରେ ଲିଙ୍ଗ ଅନୁପାତରେ ଦ୍ରୁତ ହ୍ରାସ ଘଟୁଛି ।

**ପ୍ରକଳ୍ପ କାର୍ଯ୍ୟ (Project Work) :**

ନିଜ ପଡୋଶୀମାନଙ୍କ ମଧ୍ୟରୁ 20 ଟି ପରିବାରକୁ ବାଛ । ଏହି ପରିବାରଗୁଡ଼ିକରେ ପୁରୁଷ ଓ ନାରୀମାନଙ୍କ ମୋଟ୍ ସଂଖ୍ୟା ଜାଣିବାକୁ ଚେଷ୍ଟାକର । ଏହି 20 ଟି ପରିବାର ପରିଦର୍ଶନ କରିବା ପରେ ନାରୀ ଓ ପୁରୁଷ ସଂଖ୍ୟାକୁ ମିଶାଅ ।

(i) ଯଦି ଏହି ଅନୁପାତ 1 :1, ତେବେ ଲିଙ୍ଗ ଅନୁପାତ ସନ୍ତୁଳିତ ।

(ii) ଯଦି ନାରୀ ଅନୁପାତ 1 ଠାରୁ ଅଧିକ ତେବେ ଏହା ଅନୁକୂଳ ନଚେତ୍ ପ୍ରତିକୂଳ ।

(iii) ପ୍ରତ୍ୟେକ ପରିବାର ସହ ଆଲୋଚନା କରି ଏହି ଅସମାନତାର କାରଣ ଗୁଡ଼ିକ ଖୋଜି ବାହାର କର ।

## ପାଠ୍ୟଗତ ପ୍ରଶ୍ନ ୨୭.୧

1. ସଂକ୍ଷେପରେ ଉତ୍ତର ଦିଅ ।

(କ) ଭାରତର ସର୍ବାଧିକ ଲିଙ୍ଗ ଅନୁପାତ ବିଶିଷ୍ଟ ରାଜ୍ୟର ନାମ ଲେଖ ।

___

(ଖ) ସର୍ବନିମ୍ନ ଲିଙ୍ଗ ଅନୁପାତ ବିଶିଷ୍ଟ ରାଜ୍ୟର ନାମ ଲେଖ ।

___

(ଗ) 2001 ଜନଗଣନା ଅନୁଯାୟୀ ଭାରତର ଲିଙ୍ଗ ଅନୁପାତ କେତେ ?

___

(ଘ) 'ଲିଙ୍ଗ ଅନୁପାତ'ର ସଜ୍ଞା ନିରୂପଣ କର ।


___

## 27.3 ଆୟୁ ସଂଗଠନ

ଆୟୁ-ଲିଙ୍ଗ ପିରାମିଡ୍‌ରୁ ଲୋକଙ୍କର ଆୟୁ ଏବଂ ଲିଙ୍ଗ ଅନୁଯାୟୀ ଜନସଂଖ୍ୟାର ସଂରଚନା ଜଣାପଡ଼େ । ଏହା ଜନସଂଖ୍ୟା ବୃଦ୍ଧିର ହାର ଏବଂ କାର୍ଯ୍ୟକ୍ଷମ ତଥା ଆଶ୍ରିତ ଜନସଂଖ୍ୟାର ସଂକେତ ପ୍ରଦାନ କରେ । 2001 ଜନଗଣନା ଅନୁଯାୟୀ ମୋଟ୍ ଜନସଂଖ୍ୟାର 35.3% ଶିଶୁ (14 ବର୍ଷ ପର୍ଯ୍ୟନ୍ତ), 15 - 59 ବୟସ ବର୍ଗରେ 56.9% ଏବଂ ବୃଦ୍ଧ (60 ବର୍ଷରୁ ଅଧିକ) 7.4% ଅଟେ । ବର୍ତ୍ତମାନ ଦଶନ୍ଧି ଗୁଡ଼ିକରେ ଆମଦେଶର ଆୟୁ ସଂରଚନାରେ ଧିରେ ଧିରେ ପରିବର୍ତ୍ତନ ଘଟୁଛି । ଯୁବବର୍ଗର ଅନୁପାତ ବୃଦ୍ଧି ଏକ ନୂତନ ଧାରା 0-14 ବର୍ଷ ଆୟୁ ବର୍ଗ ହ୍ରାସ ପାଇବାବେଳେ, କର୍ମକ୍ଷମ ବର୍ଗ (15 - 29 ବର୍ଷ), ବୟସ୍କ ବୃଦ୍ଧ ବର୍ଗ (60 ବର୍ଷ) ସଂଖ୍ୟା ବୃଦ୍ଧି ପାଉଛି । କିନ୍ତୁ 2001 ଜନଗଣନା ଅନୁଯାୟୀ 15 - 59 ଆୟୁବର୍ଗର ସଂଖ୍ୟା 6.6% ରୁ 7.4% କୁ ବୃଦ୍ଧିପାଇଛି । 0-14 ବର୍ଷ ଆୟୁ ବର୍ଗ ସଂଖ୍ୟା 36.5% ରୁ 35.3% କୁ ହ୍ରାସ ପାଇଛି ।

**ସାରଣୀ 27.3 : ଭାରତରେ ଆୟୁ ତଥା ଲିଙ୍ଗ ଅନୁସାରେ ମୋଟ୍ ଜନସଂଖ୍ୟାର ପ୍ରତିଶତ ବିତରଣ**

| ଆୟୁ ବର୍ଗ | ମୋଟ୍ ବ୍ୟକ୍ତି | ପୁରୁଷ | ନାରୀ |
|---|---|---|---|
| 0 - 4 | 10.7 | 10.7 | 10.7 |
| 5 - 9 | 12.5 | 12.5 | 12.4 |
| 10 - 14 | 12.1 | 12.3 | 11.9 |
| 15 - 19 | 9.7 | 10.1 | 9.2 |
| 20 - 24 | 8.7 | 8.7 | 8.8 |
| 25 - 29 | 8.1 | 7.8 | 8.4 |
| 30 - 34 | 7.2 | 7.0 | 7.4 |
| 35 - 39 | 6.9 | 6.8 | 7.0 |
| 40 - 44 | 5.4 | 5.6 | 5.2 |
| 45 - 49 | 4.6 | 4.7 | 4.5 |
| 50 - 54 | 3.6 | 3.7 | 3.4 |
| 55 - 59 | 2.7 | 2.6 | 2.8 |
| 60 - 64 | 2.7 | 2.6 | 2.8 |
| 65 - 69 | 1.9 | 1.8 | 2.1 |
| 70 - 74 | 1.4 | 1.4 | 1.4 |
| 75 - 79 | 0.6 | 0.6 | 0.7 |
| 80 ରୁ ଅଧିକ | 0.8 | 0.7 | 0.8 |





*ଚିତ୍ର : ୨୭.୩ ଆୟୁ ଓ ଲିଙ୍ଗ ସଂଗଠନ, ୨୦୦୧*

## 27.4 ଭାଷାଗତ ସଂଗଠନ :

ପ୍ରାକୃତିକ ପରିବେଶ ଭଳି ଭାରତରେ ଭାଷାଗତ ବିଭିନ୍ନତା ପରିଲକ୍ଷିତ ହୁଏ । ଏଠାରେ ଶତାଧିକ କଥିତ ଭାଷା ଓ ଉପଭାଷା ପ୍ରଚଳିତ । 1961 ଜନଗଣନା ଅନୁଯାୟୀ ଭାରତରେ ମୋଟ୍ 1652 ଭାଷା ମାତୃଭାଷା ରୂପେ ଲିପିବଦ୍ଧ ହୋଇଥିଲା । ଏମଧ୍ୟରୁ 23 ଟି ଭାଷା ଦେଶର ମୋଟ୍ ଜନସଂଖ୍ୟାର ୨୭% ଲୋକଙ୍କର ଭାଷା ଅଟେ । ଆମ ସମ୍ବିଧାନ ମାତ୍ର 18 ଟି ଭାଷାକୁ (ଧାରା- ୫) ସ୍ୱୀକୃତି ପ୍ରଦାନ କରେ । ଏହାଛଡ଼ା ସମ୍ବିଧାନର ଧାରା- ୫ ଅନୁଯାୟୀ ଇଂରାଜୀ କେବଳ ଏକ ସମ୍ପର୍କ ଭାଷା ଅଟେ । ଏହି 18 ଟି ଭାଷା ଯଥାକ୍ରମେ ଆସାମୀ, ବଙ୍ଗଳା, ହିନ୍ଦୀ, ତେଲୁଗୁ, ତାମିଲ୍, ମାଲାୟାଲମ୍, କନ୍ନଡ଼, ମରାଠୀ, ଗୁଜୁରାଟୀ, ଓଡ଼ିଆ, ପଞ୍ଜାବୀ, କାଶ୍ମୀରୀ, ସଂସ୍କୃତ, କୋଙ୍କଣି, ସିନ୍ଧି, ନେପାଳୀ, ମଣିପୁରୀ ଓ ଉର୍ଦ୍ଦୁ । ଉପରୋକ୍ତ ଭାଷାଗୁଡ଼ିକ ମଧ୍ୟରୁ ହିନ୍ଦୀ ସର୍ବାଧିକ କଥିତ ଭାଷା ଓ ସଂସ୍କୃତ ସର୍ବନିମ୍ନ କଥିତ ଭାଷା ଅଟେ । ବିଭିନ୍ନ ଶବ୍ଦର ଅର୍ଥ ଓ ଏହାର ଉଚ୍ଚାରଣ ଭିତ୍ତିରେ ସ୍ଥାନୀୟ ବିବିଧତା ଦେଖାଯାଏ । ଭାଷାରେ କହିବାର ବିବିଧତା ଯୋଗୁଁ ଗୋଟିଏ ଭାଷାରୁ ଅନେକ ଉପଭାଷାର ଉଦ୍ଭବ ହୁଏ । ଏହି ପ୍ରକାରେ ଗୋଟିଏ ଉପଭାଷା କୌଣସି ଏକ ଭାଷାର ସାଦୃଶ୍ୟ ବହନ କରେ, ଯାହାକୁ ଆଂଚଳିକ ଭାଷା କୁହାଯାଏ । ରାଜସ୍ଥାନୀ, ହରିୟାଣୀ, ଭୋଜପୁରୀ ଏବଂ ପୂର୍ବୀ ଆଦି ଉପଭାଷାକୁ ହିନ୍ଦୀର ଉପଭାଷା କୁହାଯାଏ ।

ଭାଷା ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଭାରତର ବିଭିନ୍ନ ଭାଗରେ ବିଭିନ୍ନ ଭାଷା ଓ ଉପଭାଷା





ପ୍ରଚଳିତ ଅଛି । ଏହାଦ୍ୱାରା ଆମ ସଂସ୍କୃତି ସମୃଦ୍ଧ ତଥା ବିବିଧତାପୂର୍ଣ୍ଣ ହୋଇଛି । ତତ୍ ସହିତ ଭାଷାଦ୍ୱାରା ପ୍ରାଦେଶିକ ପରିଚୟ ମଧ୍ୟ ସୃଷ୍ଟିହୁଏ । ତେଣୁ ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ଭାଷାଭିତ୍ତିକ ରାଜ୍ୟର ପୁନର୍ଗଠନ କରାଗଲା । ସଂଖ୍ୟାତ୍ମକ ସାମର୍ଥ ଉପରେ ନିର୍ଭର କରି ଭାରତକୁ ବାରଗୋଟି ପ୍ରମୁଖ ଭାଷାଗତ ଅଂଚଳରେ ବିଭକ୍ତ କରାଯାଏ । ଯେଉଁଠାରେ ବହୁସଂଖ୍ୟକ ଲୋକ ସାଧାରଣତଃ ଗୋଟିଏ ଭାଷାକୁ ବ୍ୟବହାର କରନ୍ତି, ସେହି ଅଂଚଳକୁ ଭାଷାଗତ ଅଂଚଳ କୁହାଯାଏ । ଯେଉଁ ଭାଷାଗୁଡ଼ିକୁ ନେଇ ଭାଷାଗତ ଅଂଚଳ ଗଠନ କରାଯାଇଛି, ସେଗୁଡ଼ିକ ଯଥାକ୍ରମେ (1) କାଶ୍ମୀରୀ (2) ପଞ୍ଜାବୀ (3)ହିନ୍ଦୀ/ ଉର୍ଦ୍ଦୁ (4) ବଙ୍ଗଳା (5) ଅସମୀୟା (6) ଓଡ଼ିଆ (7) ଗୁଜୁରାଟୀ (୪) ମରାଠୀ (୨) ତାମିଲ (10) କନ୍ନଡ଼ (11) ମାଲାୟାଲମ୍

## ଭାରତୀୟ ଭାଷାର ବର୍ଗୀକରଣ ଓ ବିତରଣ :

ଯଦିଓ ଭାରତରେ କଥିତ ଭାଷାଗୁଡ଼ିକ ପରସ୍ପରଠାରୁ ଭିନ୍ନ ଜଣାପଡନ୍ତି ତଥାପି ଉତ୍ପତ୍ତି ଉପରେ ନିର୍ଭର କରି ସେଗୁଡ଼ିକୁ ଚାରିଗୋଟି ଭାଷା ଗୋଷ୍ଠୀରେ ବର୍ଗୀକୃତ କରାଯାଏ । ସେଗୁଡ଼ିକ ଯଥାକ୍ରମେ (1) ଅଷ୍ଟ୍ରୀୟ ପରିବାର (2) ଦ୍ରାବିଡ଼ ପରିବାର (3) ସିନୋ-ତିବ୍ବତ ପରିବାର (କିରାତ) (4) ଇଣ୍ଡୋ- ୟୁରୋପୀୟ ପରିବାର ( ଆର୍ଯ୍ୟ)

ଅଷ୍ଟ୍ରୀୟ ପରିବାରର ଭାଷା ମେଘାଳୟ, ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ, କେନ୍ଦ୍ର ଭାରତର ଜନଜାତୀୟ ଅଂଚଳ ବିଶେଷ ଭାବେ ସାନ୍ତାଳ ପ୍ରଗଣା, ରାଞ୍ଚି ଏବଂ ମୟୂରଭଞ୍ଜ ଜିଲ୍ଲାରେ କୁହାଯାଏ ।

ସିନୋ-ତିବ୍ବତ ପରିବାରର ଭାଷା ଓ ଉପଭାଷା ଦେଶର ଉତ୍ତର-ପୂର୍ବାଞ୍ଚଳ ତଥା ଉତ୍ତର ଓ ଉତ୍ତର ପଶ୍ଚିମ, ଉପ-ହିମାଳୟ ଅଂଚଳରେ ବ୍ୟବହାର କରାଯାଏ । ଜାମ୍ମୁଓ କାଶ୍ମୀରରେ ଲାଦାଖର ଅଧିବାସୀ ଓ ହିମାଚଳ ପ୍ରଦେଶ ଓ ସିକିମ୍‌କୁ କିଛି ଅଂଶରେ ଏହି ଭାଷା ଓ ଉପଭାଷା ବ୍ୟବହୃତ ହୁଏ ।

ଦ୍ରାବିଡ଼ ପରିବାରର ଭାଷା ମୁଖ୍ୟତଃ ଦକ୍ଷିଣ ଭାରତରେ ବ୍ୟବହୃତ ହୁଏ । ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ କେରଳରେ ଅଧିକାଂଶ ଲୋକ ଏହି ଭାଷା ପରିବାରର ଭାଷାକୁ ବ୍ୟବହାର କରନ୍ତି । ଉପଦ୍ୱୀପୀୟ ମାଳଭୂମିରେ ରହୁଥିବା ଅନୁସୂଚୀତ ଜନଜାତିର ଲୋକମାନେ ମଧ୍ୟ ଏହି ଭାଷା ବ୍ୟବହାର କରନ୍ତି ।

ଆମ ଦେଶର କେନ୍ଦ୍ରାଞ୍ଚଳ ଓ ଉତ୍ତରାଂଶରେ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଭାଷା କହୁଥିବା ଲୋକମାନେ ଅଛନ୍ତି । ସଂପୂର୍ଣ୍ଣଭାବେ ଉତ୍ତରସ୍ଥ ସମତଳ ଅଂଚଳରେ ବିସ୍ତୃତି ଲାଭ କରିଥିବା ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ରାଜସ୍ଥାନ, ଦିଲ୍ଲୀ, ହରିୟାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ ଆଦି ରାଜ୍ୟରେ ଏହି ଭାଷା ବ୍ୟବହୃତ ହୁଏ ।

ବିଭିନ୍ନ ଭାଷା ଗୋଷ୍ଠୀର ଭାଷା ବ୍ୟବହାର କରୁଥିବା ଲୋକସଂଖ୍ୟାର ଅନୁପାତରେ ଭିନ୍ନତା ଦେଖାଯାଏ । ଇଣ୍ଡୋ-ୟୁରୋପୀୟ ଭାଷାଗୋଷ୍ଠୀର ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ଦେଶର ମୋଟ୍ ଜନସଂଖ୍ୟାର 70% ରୁ ଅଧିକ । କିନ୍ତୁ କେବଳ 0.85% ଲୋକ ସିନୋ-ତିବ୍ବଦୀୟ ଭାଷା ବ୍ୟବହାର କରନ୍ତି ଏବଂ 20% ଲୋକ ଦ୍ରାବିଡ଼ୀୟ ଭାଷା ବ୍ୟବହାର କରନ୍ତି ।



ଟିପ୍ପଣୀ

- ଭାରତରେ କଥିତ ଭାଷାଗୁଡ଼ିକ ଚାରୋଟି ମୁଖ୍ୟ ଭାଷା-ପରିବାର ଅନ୍ତର୍ଗତ । ସେଗୁଡ଼ିକ ଯଥାକ୍ରମେ (i) ଅଷ୍ଟ୍ରୀୟା ପରିବାର (ii) ଦ୍ରାବିଡ଼ୀୟ ପରିବାର (iii) ସିନୋ-ତିବ୍ବତୀୟ ପରିବାର (iv) ଇଣ୍ଡୋ-ୟୁରୋପୀୟ ପରିବାର
- ବିଭିନ୍ନ ଭାଷାଗୋଷ୍ଠୀ ସମ୍ବନ୍ଧୀତ ଭାଷାଗୁଡ଼ିକ ଦେଶର ଭିନ୍ନ ଭିନ୍ନ ଭାଗରେ ସଂକେନ୍ଦ୍ରୀତ ହୋଇଛି । ଯଥା- ଦେଶର ଉତ୍ତର-ପୂର୍ବାଞ୍ଚଳରେ ଅଷ୍ଟ୍ରୀୟ ଭାଷା ଗୋଷ୍ଠୀ, ଦକ୍ଷିଣାଂଶରେ ଦ୍ରାବିଡ଼ୀୟ ଭାଷା ଗୋଷ୍ଠୀ, ଉପ-ହିମାଳୟ ଅଂଚଳରେ ସିନୋ-ତିବ୍ବତୀୟ ଭାଷାଗୋଷ୍ଠୀ ଏବଂ ଉତ୍ତର ଓ କେନ୍ଦ୍ରାଞ୍ଚଳରେ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଭାଷା ପ୍ରଚଳିତ ।
- ଭାରତର ଅଧିକାଂଶ ଲୋକ ଭାରତୀ ଆର୍ଯ୍ୟ ପରିବାର (Indo-Aryan)ର ଭାଷା କହନ୍ତି । ଅନ୍ୟପକ୍ଷରେ ସିନୋ-ତିବ୍ବତୀୟ ଭାଷାରେ ସର୍ବନିମ୍ନ ସଂଖ୍ୟକ ଲୋକ କଥାବାର୍ତ୍ତା କରନ୍ତି । ଦେଶର ମୋଟ୍ ଜନସଂଖ୍ୟାର 70% ରୁ ଅଧିକ ଲୋକ ଭାରତୀୟ ଆର୍ଯ୍ୟ ପରିବାରର ଭାଷା ତଥା ଉପଭାଷାକୁ ବ୍ୟବହାର କରନ୍ତି ।

## ପାଠ୍ୟଗତ ପ୍ରଶ୍ନ ୨୭.୩

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ________ ଅଷ୍ଟ୍ରୀୟ ଭାଷା ପରିବାରର ଗୋଟିଏ ଭାଷା ।

( ସାନ୍ତାଳୀ, ହିନ୍ଦୀ, ବଙ୍ଗଳା )

(ii) ହିନ୍ଦୀ ________ ଭାଷା ପରିବାରର ଅନ୍ତର୍ଗତ ।

(ଦ୍ରାବିଡୀୟ, ଆର୍ଯ୍ୟ, ଅଷ୍ଟ୍ରୀୟ)


(iii) ଅଷ୍ଟ୍ରୀୟ ଭାଷା ପରିବାରର ଭାଷା କହୁଥିବା ଲୋକମାନେ ମୁଖ୍ୟତଃ ________ ଠାରେ ସଂକେନ୍ଦ୍ରୀତ ।

( କେନ୍ଦ୍ରୀୟ ଭାରତର ଆଦିବାସୀ ଅଧ୍ୟୁଷିତ ଅଂଚଳ, ପଶ୍ଚିମ ହିମାଳୟ ଅଂଚଳ, କୋଙ୍କଣ ଅଂଚଳ )

## 27.5 ଧାର୍ମିକ ସଂଗଠନ :

ଭାରତୀୟ ସମାଜ ବିଭିନ୍ନ ଧାର୍ମିକ ସଂପ୍ରଦାୟରେ ବିଭକ୍ତ । କିନ୍ତୁ ମୁଖ୍ୟତଃ ସାତୋଟି ଧର୍ମ ସମ୍ପ୍ରଦାୟ ଦେଖିବାକୁ ମିଳେ । ଦେଶର ଅଧିକାଂଶ ଲୋକ ଏହି ସାତୋଟି ଧର୍ମ ମଧ୍ୟରୁ ଯେକୌଣସି ଗୋଟିଏ ଧର୍ମକୁ ଅନୁସରଣ କରନ୍ତି । ସେଗୁଡ଼ିକ ଯଥାକ୍ରମେ - ହିନ୍ଦୁ, ଇସ୍‌ଲାମ, ଖ୍ରୀଷ୍ଟିୟାନ୍, ଜୈନ, ବୌଦ୍ଧ, ଶିଖ୍ ଓ ଜୋରାଷ୍ଟର୍ । ଭାରତରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ସଂଖ୍ୟା ସର୍ବାଧିକ । 2001 ଜନଗଣନା ଅନୁଯାୟୀ 80.5% ଲୋକ ହିନ୍ଦୁ ଧର୍ମାବଲମ୍ବୀ । ଉତ୍ତରସ୍ଥ ସମତଳ ଅଞ୍ଚଳ ତଥା ମାଳଭୂମି ଅଂଚଳର ଉତ୍ତରାଂଶରେ ଅଧିକ ସଂଖ୍ୟକ ହିନ୍ଦୁ ବସବାସ କରନ୍ତି । ଏତଦ୍ ବ୍ୟତୀତ ଉତ୍ତର-ପୂର୍ବର ଅଳ୍ପ କେତୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଲାକ୍ଷାଦ୍ୱୀପ ଛଡ଼ା ଦେଶର ପ୍ରାୟ ସବୁଭାଗରେ ହିନ୍ଦୁଲୋକ ଅଛନ୍ତି । କିନ୍ତୁ ଅନ୍ୟ ଧର୍ମ ସଂପ୍ରଦାୟ ଲୋକଙ୍କ ବିତରଣ ବିକ୍ଷିପ୍ତ ଏବଂ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ହିଁ ସଂକେନ୍ଦ୍ରୀତ ।

ସର୍ବାଧିକ ସଂଖ୍ୟକ ମୁସଲମାନ ଲୋକ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ବିହାରରେ ବସବାସ କରନ୍ତି । କିନ୍ତୁ ମୁସଲମାନଙ୍କ ସଂଖ୍ୟା ଓ ମୋଟ୍ ଜନସଂଖ୍ୟାରେ ଏମାନଙ୍କ ଅନୁପାତ ଜାମ୍ମୁ-କାଶ୍ମୀର ଓ ଲାକ୍ଷାଦ୍ୱୀପରେ ଅଧିକ । ଉପରୋକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବ୍ୟତୀତ ଆସାମ ଓ କେରଳରେ ଏମାନଙ୍କ ସଂଖ୍ୟା





ଜାତୀୟ ହାର ଠାରୁ ଅଧିକ । ଯଦି ଆମେ ସ୍ଥାନୀୟ ବିତରଣ ଉପରେ ନଜର ପକାଇବା ଜାଣିପାରିବା ଯେ କେରଳ ଓ ଜାମ୍ମୁ-କାଶ୍ମୀର ଛଡ଼ା ଅନ୍ୟ ମୁସଲମାନ ବହୁଳ ରାଜ୍ୟଗୁଡ଼ିକ ଉତ୍ତରସ୍ଥ ସମତଳ ଅଂଚଳରେ ଅବସ୍ଥିତ ।

ଅଧିକାଂଶ ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକ କେରଳ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ସଂକେନ୍ଦ୍ରୀତ ହୋଇଛନ୍ତି । ମୋଟ୍ ଜନସଂଖ୍ୟାରେ ଏମାନଙ୍କ ଅନୁପାତ ଉତ୍ତର-ପୂର୍ବ ରାଜ୍ୟ ବିଶେଷ ଭାବେ ମିଜୋରାମ୍, ମେଘାଳୟ ଏବଂ ନାଗାଲାଣ୍ଡରେ ଅଧିକ । ଶିଖଧର୍ମର ତିନି-ଚତୁର୍ଥାଂଶ ଲୋକ କେବଳ ପଞ୍ଜାବରେ ଅଛନ୍ତି । ଏହାଛଡ଼ା ହରିୟାନା ଓ ରାଜସ୍ଥାନରେ ମଧ୍ୟ ଶିଖ୍ ଧର୍ମାବଲମ୍ବୀମାନେ ଅଛନ୍ତି । ଏହି ରାଜ୍ୟଗୁଡ଼ିକ ବ୍ୟତୀତ ଉତ୍ତରାଖଣ୍ଡର ତରାଇ ଅଂଚଳ ଏବଂ ଦିଲ୍ଲୀରେ ମଧ୍ୟ ବହୁସଂଖ୍ୟକ ଶିଖ୍ ବସବାସ କରନ୍ତି ।

ମହାରାଷ୍ଟ୍ରରେ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନଙ୍କ ସଂଖ୍ୟା ସର୍ବାଧିକ । ମହାରାଷ୍ଟ୍ର ବ୍ୟତୀତ ଜାମ୍ମୁ ଓ କାଶ୍ମୀରର ଲାଦାଖ ଅଂଚଳ, ଧର୍ମଶାଳା (ମ୍ୟାକ୍‌ଲିଓଡ୍‌ଗଞ୍ଜ) (ହିମାଳୟ ପ୍ରଦେଶ), ସିକିମ୍, ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରାରେ ମଧ୍ୟ ବୌଦ୍ଧ ଧର୍ମାବଲମ୍ବୀମାନେ ବହୁସଂଖ୍ୟାରେ ଦେଖାଯାଆନ୍ତି ।

ଠିକ୍ ସେହିପରି ମହାରାଷ୍ଟ୍ର ବ୍ୟତୀତ ରାଜସ୍ଥାନ, ଗୁଜୁରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମଧ୍ୟ ବହୁସଂଖ୍ୟକ ଜୈନଧର୍ମାବଲମ୍ବୀ ବାସ କରନ୍ତି । ପାର୍ସୀ ଲୋକଙ୍କ ସଂଖ୍ୟା ଭାରତରେ ବହୁତ କମ୍ ଏବଂ ମୁଖ୍ୟତଃ ମୁମ୍ବାଇ ଓ ତାହାର ଆଖପାଖ ଅଂଚଳରେ ଦେଖାଯାଆନ୍ତି ।

ସାରଣୀ 27.4 : 2001 ଜନଗଣନାରେ ଧର୍ମାନୁଯାୟୀ ଜନସଂଖ୍ୟା

| ଧାର୍ମିକ ସମୂହ | ମୋଟ୍ ଜନସଂଖ୍ୟାରେ ପ୍ରତିଶତ |
|---|---|
| ହିନ୍ଦୁ | 80.5 |
| ମୁସଲମାନ | 13.6 |
| ଖ୍ରୀଷ୍ଟିୟାନ୍ | 2.33 |
| ଶିଖ୍ | 0.86 |
| ବୌଦ୍ଧ | 0.76 |
| ଜୈନ | 0.40 |
| ଅନ୍ୟାନ୍ୟ | 0.53 |

ଭାରତରେ ଅଧିକାଂଶ ଲୋକ ସାତଟି ଧର୍ମକୁ ମାନନ୍ତି । ଭାରତରେ ହିନ୍ଦୁଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଯଥାକ୍ରମେ ମୁସଲମାନ, ଶିଖ୍ ଓ ଖ୍ରୀଷ୍ଟିୟାନ୍ ସଂଖ୍ୟା ଅଟେ । ବିଭିନ୍ନ ଧର୍ମର ସଂକେନ୍ଦ୍ରଣ ଦେଶର ବିଭିନ୍ନ ଭାଗରେ ରହିଛି ।

## ପାଠଗତ ପ୍ରଶ୍ନ ୨୭.୪

1. ଅଧିକାଂଶ ପାର୍ସୀଲୋକ ଭାରତର କେଉଁ ଭାଗରେ ବାସ କରନ୍ତି ?

_______________________________________________

2. ଅଧିକାଂଶ ଖ୍ରୀଷ୍ଟିୟାନ୍ ଲୋକ କେଉଁ କେଉଁ ରାଜ୍ୟରେ ବାସ କରନ୍ତି ?

_______________________________________________



ଟିପ୍ପଣୀ

3. ଦେଶର ସର୍ବାଧିକ ମୁସଲମାନ ଲୋକ ବାସ କରୁଥିବା ରାଜ୍ୟର ନାମ ଲେଖ ।

______________________________

4. ଅଧିକାଂଶ ଭାରତୀୟ ବୌଦ୍ଧ କେଉଁ କେଉଁ ରାଜ୍ୟରେ ବାସ କରନ୍ତି ?

______________________________

## 27.6 ଅନୁସୂଚିତ ଜାତି ଓ ଜନଜାତିଙ୍କର ସଂଗଠନ ଓ ବିତରଣ :

ଭାରତୀୟ ସମ୍ବିଧାନ ବହୁସଂଖ୍ୟକ ଜାତି ଓ ଜନଜାତିକୁ ସ୍ୱୀକୃତି ଦିଏ । ଏମାନଙ୍କୁ ଅନୁସୂଚିତ ଜାତି (SC) ଅନୁସୂଚିତ ଜନଜାତି (ST) କୁହାଯାଏ । ଭାରତୀୟ ଜନସଂଖ୍ୟାର ଏମାନେ ଏକ ପ୍ରମୁଖ ଅଂଶ । 2001 ଜନଗଣନା ଅନୁଯାୟୀ ଦେଶର ମୋଟ୍ ଜନସଂଖ୍ୟାର 16% ଅନୁସୂଚୀତ ଜାତି ଓ 8.2% ଅନୁସୂଚୀତ ଜନଜାତି ଅଟନ୍ତି । ସମଗ୍ର ଦେଶରେ ଏମାନଙ୍କ ବିତରଣରେ ତୀବ୍ର ଅସମାନତା ଦେଖାଯାଏ ।

### (କ) ଅନୁସୂଚୀତ ଜାତି (SC) :

ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ଉତ୍ତର ପ୍ରଦେଶରେ ସର୍ବାଧିକ ସଂଖ୍ୟକ ଅନୁସୂଚୀତ ଜାତିର ଲୋକ ବସବାସ କରନ୍ତି । ପଶ୍ଚିମବଙ୍ଗ ଓ ବିହାରରେ ମଧ୍ୟ ଏମାନଙ୍କ ସଂଖ୍ୟା ଉତ୍ତର ପ୍ରଦେଶ ପଛକୁ ରହିଛି । ମିଜୋରାମରେ ମାତ୍ର 272 ଜଣ SC ଲୋକ ଅଛନ୍ତି । ଯାହା ପ୍ରତିଶତ ହିସାବରେ ଅତି ନଗଣ୍ୟ । କେନ୍ଦ୍ରଶାସିତ ଅଂଚଳ ଲାକ୍ଷାଦ୍ୱୀପ ଓ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ତଥା ନାଗାଲାଣ୍ଡରେ ଆଦୌ SC ଲୋକ ନାହାଁନ୍ତି । ମୋଟ୍ ଜନସଂଖ୍ୟାରେ ଏମାନଙ୍କ ପ୍ରତିଶତ ଆଧାରରେ ପଞ୍ଜାବ (28.85%), ହିମାଚଳ ପ୍ରଦେଶ 24.7% ତଥା ପଶ୍ଚିମବଙ୍ଗ (23.3%) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ । ଅନୁସୂଚୀତ ଜାତିମାନେ ମୁଖ୍ୟତଃ ଭୂମିହୀନ କୃଷି ଶ୍ରମିକ । ଅଳ୍ପ କେତେକ ନାମ ମାତ୍ର କୃଷକ । ସେମାନେ ଛୋଟ ଛୋଟ ବସ୍ତୁର ଉତ୍ପାଦନ ଅଥବା କାରିଗର ଅଟନ୍ତି । କୃଷିକାର୍ଯ୍ୟ ସହ ସମ୍ବନ୍ଧ ହେତୁ ଏମାନେ ମୁଖ୍ୟତଃ ଉପକୂଳବର୍ତ୍ତୀ ସମତଳ ଅଂଚଳ ତଥା ପଟୁ ଅଂଚଳରେ ବସବାସ କରନ୍ତି । ଏହି କାରଣ ଯୋଗୁଁ ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ବିହାରରେ ଏମାନଙ୍କର ସଂକେନ୍ଦ୍ରଣ ଘଟିଛି । ଅନ୍ୟ ପକ୍ଷରେ କେନ୍ଦ୍ର ଓ ଉତ୍ତର-ପୂର୍ବ ଭାରତର ପାର୍ବତ୍ୟ ତଥା ଜଙ୍ଗଲିଆ ଅଂଚଳରେ ମୁଖ୍ୟତଃ ଅନୁସୂଚୀତ ଜନଜାତି (ST) ବହୁସଂଖ୍ୟାରେ ବସବାସ କରୁଥିବାବେଳେ ଅନୁସୂଚୀତ ଜାତିଙ୍କ ସଂଖ୍ୟା ବହୁତ କମ୍ ।

ଜିଲ୍ଲା ସ୍ତରୀୟ ବିଶ୍ଳେଷଣ କଲେ ମୁଖ୍ୟତଃ ତିନୋଟି ଜୋନ୍ ଚିହ୍ନଟ କରାଯାଏ । ଯଥା :-

#### (i) ଅଧିକ ସଂକେନ୍ଦ୍ରଣ ଅଂଚଳ


ସିନ୍ଧୁ-ଗଙ୍ଗା ସମତଳ ଅଂଚଳ ଓ ପୂର୍ବ ଉପକୂଳ ସମତଳ ଅଂଚଳରେ ଅନୁସୂଚୀତ ଜାତି ଲୋକଙ୍କର ସଂକେନ୍ଦ୍ରଣ ହୋଇଛି । ଉଭୟ ସମତଳ ଅଂଚଳରେ ଉର୍ବର ମୃତ୍ତିକା, ପର୍ଯ୍ୟାପ୍ତ ଜଳ ଯୋଗାଣ ତଥା ବହୁତ ପ୍ରକାର ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ଜଳବାୟୁ ଉପଲବ୍ଧ । ଏହି ସୁବିଧା ଯୋଗୁଁ ସଘନ କୃଷିର ବିକାଶ ହୋଇଛି ।

#### (ii) ମଧ୍ୟମ ସଂକେନ୍ଦ୍ରଣ ଅଂଚଳ

ଅଧିକ ସଂକେନ୍ଦ୍ରଣ ଅଂଚଳର ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅନୁସୂଚୀତ ଜାତିଙ୍କର ସଂକେନ୍ଦ୍ରଣ ମଧ୍ୟମ ଅଟେ ।

#### (iii) ନିମ୍ନ ସଂକେନ୍ଦ୍ରଣ ଅଂଚଳ

କେନ୍ଦ୍ରୀୟ ବିନ୍ଧ୍ୟ, ଛୋଟନାଗପୁର ଅଂଚଳ, ରାଜସ୍ଥାନର ପଶ୍ଚିମ ଶୁଷ୍କ ଅଂଚଳ, ଉତ୍ତର-ପୂର୍ବ ଭାରତର ପାର୍ବତ୍ୟାଞ୍ଚଳ ତଥା କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳ ଅନୁସୂଚିତ ଜାତିଙ୍କର ନିମ୍ନ ସଂକେନ୍ଦ୍ରଣ ଅଂଚଳ ଅଟେ ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

*ମାନଚିତ୍ର : 27.4 ଭାରତ : ଅନୁସୂଚୀତ ଜାତି ଜନସଂଖ୍ୟା 2001 (ଜିଲ୍ଲା ସମୂହ )*



ଟିପ୍ପଣୀ

## (ଖ) ଅନୁସୂଚିତ ଜନଜାତି :


ଅନୁସୂଚିତ ଜନଜାତିଙ୍କର କେତେକ ବିଶେଷ ଲକ୍ଷଣ ଯୋଗୁଁ ଅନ୍ୟଲୋକଙ୍କ ଠାରୁ ସେମାନେ ଭିନ୍ନ । ସାଧାରଣତଃ ଏମାନେ ଏକୁଟିଆ ରହିବାକୁ ପସନ୍ଦ କରି ଜଙ୍ଗଲ ତଥା ପାହାଡିଆ ଅଂଚଳରେ ବସବାସ କରନ୍ତି । ଏହି ଜନଜାତି ବହୁ ପୁରାତନ ଧାର୍ମୀୟ ବିଶ୍ୱାସକୁ ପାଳନ କରନ୍ତି । ଅଧିକାଂଶ ଜନଜାତି ସମୂହ ନିରକ୍ଷର ଏବଂ ଏମାନଙ୍କ ଭାଷାର ଲିପି ନାହିଁ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଅଲୌକିକ ଶକ୍ତି ଏବଂ ବିଶ୍ୱାସରେ ଅତୁଟ ଆସ୍ଥା ରଖନ୍ତି ।

ଏମାନଙ୍କର ଦେଶବ୍ୟାପୀ ବିତରଣରେ ମଧ୍ୟ ଅସମାନତା ଦେଖାଯାଏ । ଏମାନଙ୍କର ସଂଖ୍ୟା କେଉଁଠାରେ ବେଶୀ ତ ଅନ୍ୟ କେଉଁଠାରେ ବିରଳ । ଦେଶର ତିନୋଟି ଅଂଚଳରେ ଅଧିକାଂଶ ST ଲୋକ ବାସକରନ୍ତି । ସେହି ତିନୋଟି ଅଂଚଳ ଯଥାକ୍ରମେ : (i)ରାଜସ୍ଥାନ, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗକୁ ନେଇ ଗଠିତ କେନ୍ଦ୍ରୀୟ-ଭାରତ ବଳୟ (ii) ଆସାମ, ମେଘାଳୟ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଏବଂ ଅରୁଣାଚଳ ପ୍ରଦେଶର ପାର୍ବତ୍ୟାଞ୍ଚଳକୁ ନେଇ ଗଠିତ ଉତ୍ତର-ପୂର୍ବାଞ୍ଚଳ (iii) ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ନେଇ ଗଠିତ ଦକ୍ଷିଣାଞ୍ଚଳ ।

ଉପରୋକ୍ତ ଆଲୋଚନା ତଥା ପ୍ରଦତ୍ତ ମାନଚିତ୍ରରେ ଦର୍ଶାଯାଇଥିବା ବିତରଣରୁ ସ୍ପଷ୍ଟ ଜଣାପଡ଼େ ଯେ ଦେଶର ଅନୁସୂଚୀତ ଜନଜାତି କେତେକ ବିଶେଷ ଅଂଚଳରେ ବସବାସ କରନ୍ତି । ଏହି ଜନଜାତି ମୁଖ୍ୟତଃ ପାର୍ବତ୍ୟ ତଥା ଜଙ୍ଗଲ ଅଂଚଳ ଯେଉଁଠାରେ କୃଷି ଉତ୍ପାଦିତା କମ୍, ସେହିଠାରେ ବାସ କରନ୍ତି । ଅଧିକାଂଶ ଅଞ୍ଚଳରେ ପ୍ରାକୃତିକ ବିପତ୍ତି ଏବଂ ବିଷମତା ଘନୀଭୂତ ହୁଏ । ତେଣୁ ଏହି ଅଞ୍ଚଳରେ ଆର୍ଥିକ ବିକାଶର ଧାରା କ୍ଷୀଣ । ଏହି ଅଞ୍ଚଳରେ ମଧ୍ୟ ପରିବହନ ଓ ଯୋଗାଯୋଗର ଉନ୍ନତି ବିଶେଷ ସୁବିଧାଜନକ ନୁହେଁ । ଏଠାରେ ଉପଲବ୍ଧ ପ୍ରାକୃତିକ ସମ୍ବଳର ବିନିଯୋଗ ମଧ୍ୟ କରାଯାଇପାରିବ ନାହିଁ ।

ଏପରି ଏକ ଧାରଣଣ ପ୍ରଚଳିତ ଅଛି ଯେ ଏ ଅଂଚଳ କେବଳ ଆଦିବାସୀ ଅଧ୍ୟୁଷିତ ହୋଇଥିବାରୁ ଏଠାକାର ଆର୍ଥିକ ବିକାଶ ହୋଇପାରୁ ନାହିଁ । ମାତ୍ର ଏହା ଏକ ଭ୍ରାନ୍ତ ଧାରଣା । ପ୍ରକୃତରେ ଏ ଅଂଚଳର ପ୍ରତିକୂଳ ପରିବେଶ ତଥା ପରିବହନ ଓ ଯୋଗାଯୋଗର ଅଭାବ ଯୋଗୁଁ ଆର୍ଥିକ ବିକାଶ ହୋଇପାରୁନାହିଁ ।

ପ୍ରକୃତରେ ଅନୁସୂଚିତ ଜନଜାତି ଲୋକମାନେ ସ୍ୱଇଚ୍ଛାରେ ଏସବୁ ପ୍ରତିକୂଳ ପରିବେଶରେ ରହିନାହାଁନ୍ତି । ବରଂ ଆଧୁନିକ ସଭ୍ୟତାର ବିସ୍ତୃତି ଯୋଗୁଁ ସେମାନେ ଏହିଭଳି ଅଂଚଳକୁ ଚାଲିଯିବାକୁ ବାଧ୍ୟ ହୋଇଛନ୍ତି । ବାହ୍ୟ ଆକ୍ରମଣକାରୀଙ୍କ ସହ ଯୁଦ୍ଧରେ ହାରିଯାଇ କିମ୍ବା ଡରିଯାଇ ନିଜ ଜୀବନ ବଂଚେଇବା ସହ ସାଂସ୍କୃତିକ ପରିଚିତି ବଜାୟ ରଖିବାକୁ ସେମାନେ ଘନ ଜଙ୍ଗଲ ମଧ୍ୟକୁ ଚାଲିଯାଇଛନ୍ତି ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

*ମାନଚିତ୍ର 27.5 ଭାରତ : 2001 ଜନଗଣନାରେ ଅନୁସୂଚୀତ ଜନଜାତିଙ୍କ ବିତରଣ*

ଜିଲ୍ଲାସ୍ତରୀୟ ପ୍ରତିରୂପ :

ଅନୁସୂଚିତ ଜାତି ଭଳି ଜନଜାତି ମାନଙ୍କର ମଧ୍ୟ ବିଭିନ୍ନ ସ୍ତରୀୟ ସଂକେନ୍ଦ୍ରଣ ଅଛି । ଯଥା :-

(i) ଅଧିକ ସଂକେନ୍ଦ୍ରଣ ଅଂଚଳ

(ii) ମଧ୍ୟମ ସଂକେନ୍ଦ୍ରଣ ଅଂଚଳ

(iii) ନିମ୍ନ ସଂକେନ୍ଦ୍ରଣ ଅଂଚଳ

(i) **ଅଧିକ ସଂକେନ୍ଦ୍ରଣ ଅଂଚଳ :** ଦେଶର 40 ଟି ଜିଲ୍ଲାରେ ଜନଜାତିମାନଙ୍କର ପ୍ରାଧାନ୍ୟ ରହିଛି । ଏହି 40 ଟି ଜିଲ୍ଲାରୁ ପ୍ରତ୍ୟେକ ଜିଲ୍ଲାରେ ଜନଜାତିଙ୍କ ସଂଖ୍ୟାର ଅନୁପାତ ମୋଟ୍ ଜନସଂଖ୍ୟା ତୁଳନାରେ 75.01% ରୁ ୨୪.0୨% ଅଟେ । ଏଗୁଡ଼ିକ ମଧ୍ୟରୁ ମିଜୋରାମରେ ୫ ଟି, ମେଘାଳୟ ଓ ନାଗାଲାଣ୍ଡରେ 7 ଟି ଲେଖାଏଁ, ଅରୁଣାଚଳ ପ୍ରଦେଶରେ 6 ଟି, ମଣିପୁରରେ 5 ଟି ଏବଂ ବାକି 7 ଟି ଜିଲ୍ଲା ଜାମ୍ମୁ-କାଶ୍ମୀର, ଗୁଜୁରାଟ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ରହିଛି । ମିଜୋରାମର ସିର୍‌ଚିପ୍ ଜିଲ୍ଲା ଦେଶର ସର୍ବାଧିକ ଅନୁସୂଚୀତ ଜନଜାତି ବହୁଳ (୨୪.0୨%) ଜିଲ୍ଲା ଅଟେ । ମେଘାଳୟର ପଶ୍ଚିମ ଖାସି ପର୍ବତ ଜିଲ୍ଲା ଏ ଦୃଷ୍ଟିରୁ ୨ୟ ସ୍ଥାନ ଅଧିକାର (୨୪.02%) କରିଛି ।

(ii) **ମଧ୍ୟମ ସଂକେନ୍ଦ୍ରଣ ଅଂଚଳ :** ଏହି ଅଂଚଳରେ ଜନଜାତିଙ୍କ ସଂଖ୍ୟା 25.01% ରୁ 75% ଅଟେ । ଏହି ଅଂଚଳ ଦେଶର 17 ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ରହିଛି । ଦେଶର ମୋଟ୍ ୫5 ଟି ଜିଲ୍ଲା ଏହି ଅଂଚଳ ଅନ୍ତର୍ଗତ । ସ୍ଥାନିକ ବିସ୍ତାର ଅନୁଯାୟୀ ମଧ୍ୟପ୍ରଦେଶ ଓ ଓଡ଼ିଶାରେ 14 ଟି ଲେଖାଏଁ, ଛତିଶଗଡ଼ରେ 10 ଟି, ଝାଡ଼ଖଣ୍ଡରେ ୫ ଟି ଏବଂ ଅରୁଣାଚଳ ପ୍ରଦେଶ ଓ ଗୁଜୁରାଟରେ 7 ଟି ଲେଖାଏଁ ଜିଲ୍ଲା ସଂକେନ୍ଦ୍ରଣ ଅଂଚଳ ଅଟେ ।

(iii) **ନିମ୍ନ ସଂକେନ୍ଦ୍ରଣ ଅଂଚଳ :** ଏହି ଅଂଚଳରେ ଜନଜାତିଙ୍କ ସଂଖ୍ୟା 5% ରୁ 25% ଅଟେ । ଦେଶର ସର୍ବାଧିକ 140 ଟି ଜିଲ୍ଲା ଏହି ଅଂଚଳ ଅନ୍ତର୍ଗତ । ଏହି ଜିଲ୍ଲାଗୁଡ଼ିକ 1୫ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ବ୍ୟାପ୍ତ । ସେଗୁଡ଼ିକ ମଧ୍ୟରୁ ମଧ୍ୟପ୍ରଦେଶରେ 1୫ ଟି, ମହାରାଷ୍ଟ୍ର ଓ ରାଜସ୍ଥାନରେ 17 ଟି ଲେଖାଏଁ କର୍ଣ୍ଣାଟକରେ 14 ଟି, ଆସାମରେ 13 ଟି, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶାରେ 10 ଟି ଲେଖାଏଁ, ଝାଡଖଣ୍ଡରେ ୫ ଟି, ଜାମ୍ମୁ ଓ କାଶ୍ମୀର୍‌ରେ 6 ଟି ଏବଂ ଛତିଶଗଡ଼ରେ 5 ଟି ଜିଲ୍ଲା ରହିଛି । ବାକି ଗୁଜୁରାଟ ଓ ସିକିମ୍‌ରେ 3 ଟି ଲେଖାଏଁ, ଉତ୍ତରାଖଣ୍ଡରେ 2 ଟି, ମଣିପୁର, କେରଳ, ଡାମନ ଓ ଡିଉ ଏବଂ ବିହାରରେ ଗୋଟିଏ ଲେଖାଏଁ ଜିଲ୍ଲା ରହିଛି ।


ତା'ଛଡ଼ା 1୫ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର 143 ଟି ଜିଲ୍ଲାରେ ଜନଜାତିଙ୍କ ଅନୁପାତ 0.5% ରୁ 5% ଅଟେ ।

## 27.7 ସାକ୍ଷରତା

କୌଣସି ବ୍ୟକ୍ତିର ଲେଖିବା, ପଢ଼ିବା ତଥା ବୁଝିବା ଏବଂ ସାମାନ୍ୟ ଗଣନ କ୍ଷମତାକୁ ସାକ୍ଷରତା ବୋଲି ଧରାଯାଏ । ସାକ୍ଷରତାର ଏହିଭଳି ସରଳ ପରିଭାଷା ସତ୍ତ୍ୱେ ଆମଦେଶର ସାକ୍ଷରତା ହାର ଅଧିକ ନୁହେଁ । 2001 ଜନଗଣନା ଅନୁଯାୟୀ ଦେଶର ହାରାହାରି ସାକ୍ଷରତା ହାର 65.3୫% । ଏହି ପ୍ରତିଶତରେ 7 ବର୍ଷରୁ କମ୍ ଶିଶୁଙ୍କ ସଂଖ୍ୟା ଅନ୍ତର୍ଭୁକ୍ତ ନୁହେଁ ।

ଦେଶର ଗୋଟିଏ ଭାଗରୁ ଅନ୍ୟଭାଗ ମଧ୍ୟରେ ସାକ୍ଷରତା ହାରରେ ତୀବ୍ର ଅସମାନତା ଦେଖାଯାଏ । କେରଳର ସାକ୍ଷରତା ହାର ସର୍ବାଧିକ ୨0.୨2% ଏବଂ ବିହାରର ସାକ୍ଷରତା ହାର ସର୍ବନିମ୍ନ 47.53% । ସେହିପରି କେନ୍ଦ୍ରଶାସିତ ଅଂଚଳ ମାନଙ୍କ ମଧ୍ୟରେ ଲାକ୍ଷାଦ୍ୱୀପର ସାକ୍ଷରତା ସର୍ବାଧିକ ୫7.52% ଏବଂ ଦାଦ୍ରା ଓ ନଗର ହାଭେଲିର ସର୍ବନିମ୍ନ 60.03% ସାକ୍ଷରତା ହାର ଅଟେ । ନାରୀ ଓ ପୁରୁଷ ସାକ୍ଷରତା ହାରରେ ମଧ୍ୟ ଅସମାନତା ଦେଖାଯାଏ । ଦେଶରେ ପୁରୁଷ ସାକ୍ଷରତା ହାର 75.85% ଥିବାବେଳେ ନାରୀ ସାକ୍ଷରତା ହାର 54.16% ଅଟେ । କେରଳରେ ଉଭୟ ପୁରୁଷ ଓ ନାରୀ ସାକ୍ଷରତା ହାର ସର୍ବାଧିକ (94.20% ଓ ୫7.86%) ଅଟେ । ବିହାରରେ ଉଭୟ ପୁରୁଷ ଓ ନାରୀ ସାକ୍ଷରତା ହାର ସର୍ବନିମ୍ନ (60.32% ଏବଂ 33.57%) । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅଧିବାସୀଙ୍କ ସାକ୍ଷରତା ହାରରେ ମଧ୍ୟ ଅସମାନତା ରହିଛି । ସହରାଞ୍ଚଳର ସାକ୍ଷରତା ହାର 73.01% ମଧ୍ୟ ଅସମାନତା ରହିଛି । ସହରାଞ୍ଚଳର ସାକ୍ଷରତା ହାର 73.01% ଥିବାବେଳେ ଗ୍ରାମାଞ୍ଚଳର ସାକ୍ଷରତା ହାର 44.54% ଅଟେ ।

ଭାରତରେ ସାକ୍ଷରତା ହାର ନିମ୍ନ ହେଲେ ମଧ୍ୟ, ପ୍ରତ୍ୟେକ ଜନଗଣନା ବର୍ଷରେ ଉତ୍ତରୋତ୍ତର ବୃଦ୍ଧି ହେଉଛି । 1911 ଜନଗଣନାରେ ସାକ୍ଷରତା ହାର 6% ରୁ କମ୍ ଥିବାବେଳେ 1951 ବେଳକୁ ଏହା 16.7% ରେ ପହଞ୍ଚିଥିଲା । 1961 ମସିହାରେ ସାକ୍ଷରତା ହାର 24% ଥିଲା । ମାତ୍ର 2001 ବେଳକୁ ଏହା 65.38% ହୋଇଥିଲା । ସାକ୍ଷରତା ହାର ବୃଦ୍ଧିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନାରୀ ସାକ୍ଷରତା ହାର ବୃଦ୍ଧି । 1911 ରେ ଦେଶରେ ନାରୀ ସାକ୍ଷରତା ହାର 1.1% ଥିଲା । ମାତ୍ର 2001 ମସିହାରେ ଏହା 54.66% ହୋଇପାରିଛି । କେନ୍ଦ୍ର ତଥା ରାଜ୍ୟ ସରକାରମାନଙ୍କର ଶିକ୍ଷାନୀତି ତଥା ପ୍ରାଥମିକ ଶିକ୍ଷାର ସାର୍ବଜନନୀକରଣ ଯୋଗୁଁ ଏହି ବୃଦ୍ଧି ସମ୍ଭବ ହୋଇଛି । ଗ୍ରାମାଞ୍ଚଳରେ ସ୍କୁଲ୍ ସ୍ଥାପନା ଦ୍ୱାରା ଶିକ୍ଷା ସୁବିଧା ଉପଲବ୍ଧ ହେତୁ ସାକ୍ଷରତା ହାର ବୃଦ୍ଧି ପାଇଛି ତଥା ନାରୀ ସାକ୍ଷରତା ହାର ମଧ୍ୟ ବୃଦ୍ଧି ପାଇଛି ।




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.
© Government of India copyright, 1996

**ମାନଚିତ୍ର 27.6 ଭାରତ : *ସାକ୍ଷରତାର ରାଜ୍ୟସ୍ତରୀୟ ବିତରଣ 2001***





ଯଦିଓ ପ୍ରତ୍ୟେକ ଜନଗଣନାରେ ସାକ୍ଷରତା ହାରରେ ପ୍ରତିଶତ ଦୃଷ୍ଟିରୁ ବୃଦ୍ଧି ଘଟୁଛି, ତଥାପି ତା'ସହ ନିରକ୍ଷର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । 1991 ମସିହା ଜନଗଣନା ତୁଳନାରେ ପ୍ରଥମ ଥର ପାଇଁ 2001 ଜନଗଣନାରେ ନିରକ୍ଷର ଲୋକଙ୍କ ସଂଖ୍ୟା ହ୍ରାସ ପାଇଛି । ତଥାପି ନିରକ୍ଷର ସଂଖ୍ୟା ଏବେ ମଧ୍ୟ ଅଧିକ । ଏହି ସମସ୍ୟାର ସମାଧାନ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଯଥା ଜାତୀୟ ସାକ୍ଷରତା ମିଶନ (National Literacy Mission) ସର୍ବଶିକ୍ଷା ଅଭିଯାନ ଆଦି ହାତକୁ ନେଇଛନ୍ତି ।

**ଜିଲ୍ଲାସ୍ତରୀୟ ପ୍ରତିରୂପ :**

ଜିଲ୍ଲାସ୍ତରୀୟ ଡାଟା ବିଶ୍ଲେଷଣରୁ ଜଣାପଡ଼େ ଯେ ସାକ୍ଷରତା ହାରରେ ମଧ୍ୟ ଭିନ୍ନତା ଦେଖାଯାଏ । ମିଜୋରାମର ଆଇଜଲ୍ ଜିଲ୍ଲାର ସାକ୍ଷରତା ହାର 96.64% ଥିବା ସମୟରେ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାର ସାକ୍ଷରତା ହାର 30.01% ଅଟେ । ଦେଶର 591 ଜିଲ୍ଲା ମଧ୍ୟରୁ 59 ଟି ଜିଲ୍ଲାର ସାକ୍ଷରତା ହାର 80% ରୁ ଅଧିକ । ଏହି ଜିଲ୍ଲା ମଧ୍ୟରୁ ଅଧିକାଂଶ ଦକ୍ଷିଣ ଭାରତରେ ଅବସ୍ଥିତ । ସେହି ଜିଲ୍ଲାଗୁଡ଼ିକର ସଂଖ୍ୟା ଯଥାକ୍ରମେ କେରଳରେ 14, ତାମିଲନାଡୁରେ 4 , ପୁଡୁଚେରୀର 3 , କର୍ଣ୍ଣାଟକରେ 2, ଏବଂ ଆଣ୍ଡାମାନ-ନିକୋବର ଓ ଲାକ୍ଷାଦ୍ୱୀପରେ ଗୋଟିଏ ଗୋଟିଏ । ଦକ୍ଷିଣ ଭାରତ ଛଡ଼ା ଉତ୍ତର-ପୂର୍ବାଞ୍ଚଳରେ 10 ଟି ଜିଲ୍ଲା ରହିଛି । ଏହି 10 ଟି ଜିଲ୍ଲା ମଧ୍ୟରୁ ମିଜୋରାମରେ 7 ଟି, ନାଗାଲାଣ୍ଡରେ 2 ଟି ଓ ମଣିପୁରରେ ଗୋଟିଏ ଜିଲ୍ଲା ରହିଛି । ପଶ୍ଚିମ ପାର୍ଶ୍ୱରେ ଥିବା 11 ଟି ଜିଲ୍ଲା ମଧ୍ୟରୁ ୨ ଟି ମହାରାଷ୍ଟ୍ରରେ ଅଛି । ଉତ୍ତର ଭାରତରେ ଥିବା 11 ଟି ଜିଲ୍ଲା ମଧ୍ୟରୁ ରାଜଧାନୀ ଦିଲ୍ଲୀରେ 6 ଟି ଜିଲ୍ଲା ଅଛି । ଅନ୍ୟ 3 ଟି ଜିଲ୍ଲା ହିମାଚଳ ପ୍ରଦେଶ, ଚଣ୍ଡୀଗଡ଼ ଓ ଉତ୍ତରାଖଣ୍ଡରେ ଗୋଟିଏ ଲେଖାଏଁ ରହିଛି । ପୂର୍ବ ଭାରତରେ ଥିବା 2 ଟି ମାତ୍ର ଜିଲ୍ଲା ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଅବସ୍ଥିତ । ମଧ୍ୟ ଭାରତ ଅଂଚଳର କୌଣସି ଜିଲ୍ଲା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ ।

ଅନ୍ୟପକ୍ଷରେ ଦେଶର 26 ଟି ଜିଲ୍ଲାରେ ସାକ୍ଷରତା ହାର 40% ରୁ କମ୍ । ଏହି ଜିଲ୍ଲାଗୁଡ଼ିକ 7 ଟି ରାଜ୍ୟରେ ଅଛି । ସେ ମଧ୍ୟରୁ ବିହାରରେ 11 ଟି, ଉତ୍ତର ପ୍ରଦେଶରେ 5 ଟି ଏବଂ ଓଡ଼ିଶାରେ 4 ଟି ଝାଡ଼ଖଣ୍ଡରେ 3 ଟି ଏବଂ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀରରେ ଗୋଟିଏ ଲେଖାଏଁ ଜିଲ୍ଲା ରହିଛି ।

- ଯେ କୌଣସି ଗୋଟିଏ ଭାଷାକୁ ଲେଖି, ପଢ଼ି, ବୁଝିପାରୁଥିବା ବ୍ୟକ୍ତିକୁ ସାକ୍ଷର କୁହାଯାଏ ।
- 2001 ଜନଗଣନା ଅନୁଯାୟୀ ଦେଶର ସାକ୍ଷରତା ହାର 65.38% ।
- ସର୍ବାଧିକ ସାକ୍ଷରତା ହାର କେରଳରେ (90.92% ) ଏବଂ ସର୍ବନିମ୍ନ ସାକ୍ଷରତା ହାର (47.53%) ବିହାରରେ ଦେଖାଯାଏ ।
- ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏବଂ ନାରୀ ଠାରୁ ପୁରୁଷ ମାନଙ୍କର ସାକ୍ଷରତା ହାର ଅଧିକ ।
- ସ୍ୱାଧୀନତା ପରଠାରୁ ଦେଶରେ ସାକ୍ଷରତା ହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି ।


## ପାଠ୍ୟଗତ ପ୍ରଶ୍ନ ୨୭.୫

1. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ________ ଭାରତର ଜନଜାତି ମାନଙ୍କର ଅଧିକ ସଂକେନ୍ଦ୍ରଣ ଅଞ୍ଚଳ ।

( ପଞ୍ଜାବ / ହରିୟାଣା / ଝାଡ଼ଖଣ୍ଡ )

(ଖ) 2001 ଜନଗଣନା ଅନୁଯାୟୀ ଦେଶର ମୋଟ୍ ଜନସଂଖ୍ୟାରେ ଅନୁସୂଚୀତ ଜାତିଙ୍କର ସଂଖ୍ୟା



ଟିପ୍ପଣୀ

________ ପ୍ରତିଶତ ଅଟେ । (16 / 15 / 8 / 7 )

(ଗ) ________ ରାଜ୍ୟର ମୋଟ୍ ଜନସଂଖ୍ୟାରେ ଅନୁସୂଚତୀ ଜାତିଙ୍କ ସଂଖ୍ୟା ଅଧିକ ।
( ଉତ୍ତର ପ୍ରଦେଶ/ ବିହାର / ପଞ୍ଜାବ )

(ଘ) 2001 ଜନଗଣନା ଅନୁଯାୟୀ ଭାରତର ସାକ୍ଷରତା ହାର ________ ପ୍ରତିଶତ ।
(65.38 / 64.44 / 68.01 )

2. ଦେଶରେ ସାକ୍ଷରତା ହାର ବୃଦ୍ଧି ପାଇଁ କାର୍ଯ୍ୟକାରୀ ହେଉଥିବା ଯେ କୌଣସି ଦୁଇଟି କାର୍ଯ୍ୟକ୍ରମର ନାମ ଲେଖ ।
(କ) ________________ (ଖ ) ________________

3. କେଉଁ ରାଜ୍ୟରେ ଉଭୟ ପୁରୁଷ ଓ ନାରୀ ସାକ୍ଷରତା ହାର ସର୍ବାଧିକ ?

________________________________________

## ତୁମେ କ'ଣ ଶିଖିଲ

କୌଣସି ଦେଶର ବିକାଶ ତା'ର ମାନବ ସମ୍ବଳର ଗୁଣବତ୍ତା ତଥା ସଂଖ୍ୟା ଉପରେ ନିର୍ଭର କରେ । ମାନବ ସମ୍ବଳର ଗୁଣବତ୍ତା ଜନସଂଖ୍ୟାର ସଂଗଠନ ଉପରେ ନିର୍ଭରଶୀଳ । ସେହି ସଂଗଠନ ଗୁଡ଼ିକ ଗ୍ରାମୀଣ-ସହରୀ, ଲିଙ୍ଗ, ଆୟୁ, ଭାଷାଗତ, ଧାର୍ମିକ, ପ୍ରଚଳିତ ଲୋକୋକ୍ତି ଅନୁଯାୟୀ ଭାରତ ଏକ ଗ୍ରାମ ବହୁଳ ଦେଶ । ଏବେ ମଧ ଦେଶର 72 ପ୍ରତିଶତରୁ ଅଧିକ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ନଗରୀକରଣ ହାର ଦେଶର ଅବଶ୍ୟ ବୃଦ୍ଧି ପାଇବାରେ ଲାଗିଛି । ସହରାଞ୍ଚଳ ଜନସଂଖ୍ୟାର ବୃଦ୍ଧିର ହାର ଦେଶର ହାରାହାରି ବୃଦ୍ଧିର ହାରଠାରୁ ଅଧିକ । ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଲୋକଙ୍କର ସ୍ଥାନାନ୍ତର ଗମନ ଯୋଗୁଁ ଏପରି ଘଟୁଛି । ଦେଶର ମୋଟ୍ 35 ଟି ମହାନଗର (Metroplitan City) ଅଛି ଏବଂ ପ୍ରତ୍ୟେକଙ୍କର ଜନସଂଖ୍ୟା 10 ଲକ୍ଷରୁ ଅଧିକ ।

ଅନ୍ୟ ପକ୍ଷରେ ଦେଶରେ ଲିଙ୍ଗ ଅନୁପାତ (ପୁରୁଷ-ନାରୀ ଅନୁପାତ) ପ୍ରତିକୂଳ ଅବସ୍ଥାରେ ଅଛି । କେରଳରେ ପ୍ରତି ହଜାର ପୁରୁଷ ପିଛା ନାରୀ ସଂଖ୍ୟା 1058 ଅଟେ । କିନ୍ତୁ ହରିୟାନାରେ ପୁରୁଷ-ନାରୀ ଅନୁପାତ ସର୍ବନିମ୍ନ (861) । କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ମଧରେ ଡାମନ୍-ଡିଉର ପୁରୁଷ-ନାରୀ ଅନୁପାତ ସର୍ବନିମ୍ନ (709) । ଦେଶରେ ପୁରୁଷ-ନାରୀ ଅନୁପାତ କ୍ରମଶଃ ହ୍ରାସ ପାଇବାରେ ଲାଗିଛି ଯଦିଓ 1951, 1981 ଏବଂ 2001 ଜନଗଣନାରେ ଏହି ଅନୁପାତରେ ଆଂଶିକ ବୃଦ୍ଧି ଘଟିଥିଲା । ନିଜ ଅଂଚଳରେ ପ୍ରକଳ୍ପ କାର୍ଯ୍ୟ କରିବା ଦ୍ୱାରା ଏହା ତୁମେ ଭଲ ଭାବରେ ଜାଣିପାରିବ ।

ଭାରତରେ ସାକ୍ଷରତା ହାର ମଧ ବିଶେଷ ଅଧିକ ନୁହେଁ (65.38%) । ଦେଶରେ କେରଳର ସାକ୍ଷରତା ହାର ସର୍ବାଧିକ (90.92%) ଏବଂ ବିହାରରେ ସର୍ବନିମ୍ନ (47.53%) ।

ଆମ ଦେଶ ସାମାଜିକ ବିବିଧତାର ଦେଶ ଅଟେ । ଏହା ବିଭିନ୍ନ ଜାତି, ଭାଷା ଏବଂ ଧର୍ମାବଲମ୍ବୀଙ୍କର ବାସସ୍ଥାନ । ଅନୁସୂଚୀତ ଜନଜାତିର ଲୋକ ଦେଶର ମୂଳ ଅଧିବାସୀ ଅଟନ୍ତି । ଅନୁସୂଚୀତ ଜାତିମାନେ ବିଭିନ୍ନ ଜାତିର ମିଶ୍ରଣ । 2001 ମସିହା ଜନଗଣନା ଅନୁଯାୟୀ ଦେଶରେ ଅନୁସୂଚିତ ଜାତି ତଥା ଜନଜାତିଙ୍କ ଅନୁପାତ ଯଥାକ୍ରମେ 16% ଓ 8.20% ଥିଲା । ବୃତ୍ତି ଯୋଗୁଁ ସେମାନେ (SC) ସମତଳ ଅଂଚଳରେ ସଂକେନ୍ଦ୍ରୀତ ହୋଇଛନ୍ତି । କିନ୍ତୁ ଅନୁସୂଚିତ ଜନଜାତି ସାଧାରଣତଃ ପାହାଡ଼ ଜଙ୍ଗଲର ଏକାନ୍ତ ପରିବେଶରେ ବାସ କରନ୍ତି । ଏମାନେ ଔଦ୍ୟୋଗିକ ବିକାଶର ପ୍ରାରମ୍ଭିକ ଅବସ୍ଥାରେ ଅଛନ୍ତି ଏବଂ ଏମାନେ ପରାଶକ୍ତି (Super Natural Power)ରେ ବିଶ୍ୱାସ ରଖନ୍ତି । ଭାଷା ଓ

ଧର୍ମ ଦୃଷ୍ଟିରୁ ଭାରତ ଏକ ଅନନ୍ୟ ସାଧାରଣ ଦେଶ । ବିଶ୍ୱର ସବୁଧର୍ମର ଲୋକ ଏଠାରେ ଦେଖାଯାଆନ୍ତି । ଆମଦେଶରେ ୧୪ ଟି ମୁଖ୍ୟ ଭାଷା ଓ ଶତାଧିକ ଉପଭାଷା ବ୍ୟବହୃତ ହୁଏ ।

## ପାଠାନ୍ତ ପ୍ରଶ୍ନ

1. ଭାରତର ଜନସଂଖ୍ୟାର ନିମ୍ନଲିଖିତ ବିଶେଷଣ ଉପରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

   (କ) ଆୟୁ ସଂରଚନା (ଖ) ଗ୍ରାମାଞ୍ଚଳ- ସହରାଞ୍ଚଳ ଅନୁପାତ

   (ଗ) ପୁରୁଷ - ନାରୀ ଅନୁପାତ

2. ଭାରତର ସାକ୍ଷରତା ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
3. କେଉଁ କାରଣ ଯୋଗୁଁ ଭାରତରେ ପୁରୁଷ-ନାରୀ ଅନୁପାତ ହ୍ରାସ ହେଉଛି ?
4. ଭାରତରେ ଆଦିବାସୀ ଲୋକଙ୍କର ବିତରଣ ସଂପର୍କରେ ଆଲୋଚନା କର ।
5. ଅଧିକାଂଶ ଭାରତୀୟ ଭାଷା କେଉଁ ଭାଷା-ପରିବାର ଅନ୍ତର୍ଗତ ? ଭାରତର ବିଭିନ୍ନ ଭାଷା-ପରିବାରର ବିତରଣ ସଂପର୍କରେ ସଂକ୍ଷେପରେ ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**27.1**

(କ) ନିମ୍ନରେ

(ଖ) ପ୍ରାଥମିକ, ମାଧ୍ୟମିକ, ତୃତୀୟ ସ୍ତରୀୟ

(ଗ) ବୃଦ୍ଧି ହେଉଛି

(ଘ) 35

**27.2**

(କ) କେରଳ

(ଖ) ହରିୟାନା

(ଗ) 933

(ଘ) କୌଣସି ଅଂଚଳରେ ପ୍ରତି ହଜାରେ ପୁରୁଷ ପିଛା ନାରୀ ସଂଖ୍ୟା

**27.3**

(କ) ସାନ୍ତାଳୀ

(ଖ) ଆର୍ଯ୍ୟ





(ଗ) କେନ୍ଦ୍ରୀୟ ଭାରତର ଆଦିବାସୀ ଅଧ୍ୟୁଷିତ ଅଂଚଳ

**27.4**

1. ମୁମ୍ବାଇ ଓ ଏହାର ନିକଟବର୍ତ୍ତୀ ଅଂଚଳ
2. ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର – ପୂର୍ବାଞ୍ଚଳ
3. ଉତ୍ତର ପ୍ରଦେଶ
4. ମହାରାଷ୍ଟ୍ର ଓ ଅରୁଣାଚଳ ପ୍ରଦେଶ

**27.5**

1. (କ) ଝାଡ଼ଖଣ୍ଡ

   (ଖ) 16%

   (ଗ) ପଞ୍ଜାବ

   (ଘ) 65.38%
2. ଜାତୀୟ ଶିକ୍ଷା ମିଶନ, ସର୍ବଶିକ୍ଷା ଅଭିଯାନ
3. କେରଳ

## ପାଠାନ୍ତ ପ୍ରଶ୍ନର ସଂକେତ :

1. ଆୟ ସଂରଚନା ସ୍ଥାନୀୟ ଏବଂ ସାମୟିକ ସଂରଚନା, ଜନସଂଖ୍ୟାର ଗ୍ରାମୀଣ ଏବଂ ସହରାଞ୍ଚଳ ଅନୁପାତ ତଥା ପୁରୁଷ – ନାରୀ ଅନୁପାତ ଆଦି ସଂକ୍ଷେପରେ ବର୍ଣ୍ଣନା କର । ( ଅଧିକ ଜାଣିବା ପାଇଁ ଅନୁଚ୍ଛେଦ 27.1 ଏବଂ 27.2, 27.3 ଦେଖ । )
2. ଅନୁଚ୍ଛେଦ 27.7 ଦେଖ ।
3. ନାରୀମାନଙ୍କର ସ୍ୱାସ୍ଥ୍ୟ, ଶିଶୁ ମୃତ୍ୟୁହାର (ବିଶେଷ ଭାବେ ଶିଶୁକନ୍ୟା ) ପୁଅ ପାଇଁ ସାମାଜିକ ତଥା ଧର୍ମୀୟ ବିଶ୍ୱାସ ଆଦି କାରଣ ଯୋଗୁଁ ପୁରୁଷ-ନାରୀ ଅନୁପାତ ହ୍ରାସ ପାଉଛି ।
4. ଅନୁଚ୍ଛେଦ 27.6 (B) ଦେଖ ।
5. ଅନୁଚ୍ଛେଦ 27.4 ଦେଖ ।







## ଚିନ୍ତନ ବିନ୍ଦୁ

***କିଶୋରାବସ୍ଥା ( ବୟସ 10 - 19 ବର୍ଷ)***

ଇଂରାଜୀ ଶବ୍ଦ 'Adolescene' ଲାଟିନ୍ ଶବ୍ଦ 'Adolescere' ରୁ ଆସିଛି । ଯାହାର ଅର୍ଥ 'ପରିପକ୍ୱତା ଆଡ଼କୁ ବିକାଶ' । ତେଣୁ 'କିଶୋରାବସ୍ଥା ଏକ ସମୟ ସୀମା ନୁହେଁ, ଏକ ପ୍ରକ୍ରିୟା, ଯାହାଦ୍ୱାରା ସମାଜରେ ସକ୍ରିୟ ଅଂଶଗ୍ରହଣ କରିବା କରିବା ପାଇଁ ଆବଶ୍ୟକୀୟ ବ୍ୟବହାର ତଥା ବିଶ୍ୱାସ ପ୍ରାପ୍ତ ହୁଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ((Wtto) କିଶୋରାବସ୍ଥାର ଆୟୁ ସୀମା 10 ବର୍ଷରୁ 19 ବର୍ଷ ମଧ୍ୟରେ ସ୍ଥିର କରିଛନ୍ତି । ଏହି ଅବସ୍ଥାର କେତେକ ବିଶେଷତ୍ୱ ରହିଛି ଯଥା : ଶାରୀରିକ, ମାନସିକ ତଥା ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ 2001 ମସିହା ଜନଗଣନା ଅନୁଯାୟୀ 10 ବର୍ଷରୁ 19 ବର୍ଷ ମଧ୍ୟରେ କିଶୋର ସଂଖ୍ୟା ଦେଶର ମୋଟ୍ ଜନସଂଖ୍ୟାର 21.8% ଥିଲା ।

